୬ ୨୨ରୁ ସବ୍ୟସାଚୀ ଓ ଦିନେଶ ମୋମୋରିଆଲ ଗିନି କପ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୩୨୧ ● ୨୦ ଡିସେମ୍ବର ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-321 ● 20th December 2024, Friday ● Bhubaneswar | Licensed to post without pre-payment of postage No- BN-60/25-27


## ସାଂସଦ ପ୍ରତାପ ଷଡଙ୍ଗୀଙ୍କ ଉପରେ ଆକ୍ରମଣ ନେଇ ବିଜେପି-କଂଗ୍ରେସ ମୁହାଁମୁହିଁ

**ନୂଆଦିଲ୍ଲୀ, ୧୯।୧୨**

ସଂସଦରେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ନେଇ ରାଜଧାନୀ ଦିଲ୍ଲୀ ସମେତ ସାରା ଦେଶରେ ରାଜନୈତିକ ବାତାବରଣ ଉଷ୍ମ ହୋଇଉଠିଛି। ଏହି ଘଟଣା ନେଇ ଉଭୟ ବିଜେପି ଏବଂ କଂଗ୍ରେସ ପରସ୍ପର ବିରୋଧରେ ଗୁରୁତର ଅଭିଯୋଗମାନ ଉଠାଇଛନ୍ତି।

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ବିଜେପି ସରକାରଙ୍କ ବିରୋଧରେ ବର୍ଷିଥିବା ବେଳେ ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ଶିବରାଜସିଂ ଚୌହାନ ଏହାର କଡା ଜବାବ ଦେଇଛନ୍ତି।

ରାହୁଗ ଗାନ୍ଧୀ କହିଛନ୍ତି ଯେ, ସଂସଦ ଅଧିବେଶନ ଆରମ୍ଭ ହେବାର କିଛିଦିନ ପୂର୍ବରୁ ଆଦାନୀ ଗ୍ରୁପ ବିରୋଧରେ ଆମେରିକାର ଅଭିଯୋଗ ସାମ୍ନାକୁ ଆସିଲା। ବିଜେପି ଏହି ପ୍ରସଙ୍ଗରେ ଆଲୋଚନା ଏଡ଼ାଇବାକୁ ଶତପ୍ରତିଶତ ଚେଷ୍ଟା କରିଆସୁଥିଲା। ବିଜେପିର ପ୍ରାଥମିକତା ହେଉଛି ଯେ ଆଦାନୀ ପ୍ରସଙ୍ଗରେ ଯେପରି



କିଛି ଆଲୋଚନା ସଂସଦରେ ନହୁଏ। ଏହାକୁ ଚପାଇ ଦେବାକୁ ଶାସକ ଦଳ ଚେଷ୍ଟା କରୁଥିଲା। ଏହାପରେ ବାବା ସାହେବ ଆମ୍ବେଦକରଙ୍କ ବିରୋଧରେ ଅମିତ ଶାହଙ୍କ ବୟାନ ଆସିଲା। ଆମେ ଆରମ୍ଭରୁ କହିଆସୁଥିଲୁ ଯେ ବିଜେପି ଓ ଆରଏସ୍ଏସ୍ର ବିଚାରଧାରା ସବୁବେଳେ ସମ୍ବିଧାନ ଓ ଆମ୍ବେଦକର ବିରୋଧୀ। ଏହି ପ୍ରେସମିଟରେ ରାହୁଲ ଗାନ୍ଧୀଙ୍କ ସମେତ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ଆମ୍ବେଦକରଙ୍କୁ ଅପମାନିତ କରିଥିବାରୁ ଅମିତ ଶାହଙ୍କ କ୍ଷମାପ୍ରାର୍ଥନା ଓ ଇସ୍ତଫା ଦାବି କରିଛନ୍ତି।

ରାହୁଲ ଗାନ୍ଧୀ କହିଛନ୍ତି ଯେ ଆମ୍ବେଦକରଙ୍କ ସ୍ମୃତି ଏବଂ ଅବଦାନକୁ ବିଜେପି ଲିଭେଇଦେବାକୁ ଚାହୁଁଛି। ଆମେ ଦାବି କଲୁ ଯେ ଗୃହମନ୍ତ୍ରୀ ଶାହ କ୍ଷମା ପ୍ରାର୍ଥନା କରିବା ସହ ଇସ୍ତଫା ଦେବା ଉଚିତ। ତେଣୁ ଆଜି ସେମାନେ ଆଉ ଏକ ନାଟକ ଆରମ୍ଭ କରିଛନ୍ତି। ଆମେ ଶାନ୍ତିପୂର୍ଣ୍ଣ ଭାବେ ଆମ୍ବେଦକରଙ୍କ ମୂର୍ତ୍ତି ନିକଟରୁ ସଂସଦ ଭବନ ଭିତରକୁ ଯାଉଥିଲୁ, ହେଲେ ବିଜେପି ସାଂସଦମାନେ ଆମକୁ ଯିବାକୁ ଦେଲେ ନାହିଁ। ବାସ୍ତବତା ହେଉଛି ସେମାନେ ଭୀମରାଓ ଆମ୍ବେଦକରଙ୍କୁ ଅପମାନିତ କରିଛନ୍ତି। ନରେନ୍ଦ୍ର ମୋଦିଙ୍କ ବନ୍ଧୁ ଆଦାନୀ ବିରୋଧରେ ଆମେରିକାରେ ହୋଇଥିବା ମାମଲାକୁ ସେମାନେ ଲୁଚେଇବାକୁ ଚାହୁଁଛନ୍ତି। ଏଗୁଡ଼ିକ ହେଉଛି ମୁଖ୍ୟ ପ୍ରସଙ୍ଗ, ଆଉ ବିଜେପି ଏହା ଉପରେ ଆଲୋଚନା କରିବାକୁ ଚାହୁଁନାହିଁ।

ତେବେ କଂଗ୍ରେସର ସାମ୍ବାଦିକ ସମ୍ମିଳନୀକୁ କାଉଣ୍ଟର କରି ତୁରନ୍ତ ବିଜେପି ମଧ୍ୟ ଏକ ସାମ୍ବାଦିକ ସମ୍ମିଳନୀ କରିଛି। ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡଗେ ନିଜ ଭୁଲ ପାଇଁ କ୍ଷମା ପ୍ରାର୍ଥନା ନକରି ନିଜ ଅହଂକାର ଦେଖାଇଛନ୍ତି ବୋଲି ଅଭିଯୋଗ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ। ସେ କହିଛନ୍ତି ଯେ ଖଡଗେ ଓ ରାହୁଲ ଗାନ୍ଧୀ ସାମ୍ବାଦିକ ସମ୍ମିଳନୀ କଲେ। ଆମେ ଭାବିଲୁ ସେମାନେ ଯାହା କରିଛନ୍ତି ସେଥିପାଇଁ ସେମାନେ କ୍ଷମା ପ୍ରାର୍ଥନା କରିବେ। ହେଲେ ସେମାନେ ଏହା କଲେ ନାହିଁ। ତାଙ୍କ ସାମ୍ବାଦିକ ସମ୍ମିଳନୀ ତାଙ୍କ ଅହଂକାରକୁ ଦେଖାଇଛି। ମୁଁ ରାହୁଲଙ୍କ ବ୍ୟବହାର ଦେଖୁଛି, *(ପୃଷ୍ଠା ୭ରେ)*

## ରାଜ୍ୟର ଶିକ୍ଷା ପରିବେଶକୁ ସୁଦୃଢ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି

**ଭୁବନେଶ୍ୱର, ୧୯।୧୨**
**ନ୍ୟୁଜ୍ ବ୍ୟୁରୋ**

ଜ୍ଞାନ ହିଁ ଶକ୍ତି। ଜ୍ଞାନରୁ ଆମକୁ ଶକ୍ତି ମିଳିଥାଏ। ରାଜ୍ୟରେ ଶିକ୍ଷା ପରିବେଶକୁ ସୁଦୃଢ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି ବୋଲି କେନ୍ଦୁଝର ଜିଲ୍ଲା ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦବୋଧନ ଦେଇ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଲେ ଯେ, ପୂର୍ବରୁ ଶିକ୍ଷା ବିଭାଗ ଅନେକ ସମସ୍ୟା ଦେଇ ଗତି କରୁଥିଲା। ଯେଉଁମାନେ ଶାସନ କରୁଥିଲେ ସେମାନେ କିଛି ତ୍ରୁଟି ରଖିଥିଲେ। ସେହି ସମସ୍ୟା ଗୁଡିକର କିପରି ସମାଧାନ ହୋଇ ପାରିବ ସେ ନେଇ ଆମ ସରକାର କାର୍ଯ୍ୟ କରୁଛନ୍ତି। ଆମ ସରକାର ଶାସନକୁ ଆସିବା ପରେ ପ୍ରାଥମିକ ଶିକ୍ଷା ଭିତ୍ତିଭୂମି ଓ ଶିକ୍ଷା ବାତାବରଣକୁ ସୁଦୃଢ



କରିବା ପାଇଁ ୧୬,୦୦୯ ଜଣ ପ୍ରାଥମିକ ଶିକ୍ଷକ ନିଯୁକ୍ତ କରିଛନ୍ତି। ରାଜ୍ୟରେ ଡ୍ରପ ଆଉଟ ହାର ରୋକିବା ଏବଂ ଗୁଣାତ୍ମକ ଶିକ୍ଷା ପାଇଁ ଆମ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଦେଶ ତଥା ରାଜ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୫ ତମ ଜନ୍ମ ଶତବାର୍ଷିକୀ ପାଳନ କରୁଥିବା ବେଳେ, ଏହି ଐତିହାସିକ ଅନୁଷ୍ଠାନ ମଧ୍ୟ ତାର ୭୫ତମ ସ୍ୱନକ୍ଷେତ୍ର ପାଳନ କରୁଛି। ଏହି ବିଦ୍ୟାଳୟ ନିରନ୍ତର ଭାବେ ଚମ୍ପୁଆ ଉପଖଣ୍ଡ, ସୀମାନ୍ତ ଝାଡଖଣ୍ଡ ଓ ମୟୂରଭଞ୍ଜ ଜିଲ୍ଲାର ବହୁ ଛାତ୍ରଛାତ୍ରୀଙ୍କୁ ଗଢ଼ି ତୋଳିବା ସହିତ ଶିକ୍ଷାର ଆଲୋକବର୍ତ୍ତିକା ହୋଇ କାର୍ଯ୍ୟ କରୁଛି।

ଖଣିଜ ସମ୍ପଦ ଥିଲେ ମଧ୍ୟ କେନ୍ଦୁଝର ଜିଲ୍ଲା ଅବହେଳିତ ହୋଇ ରହିଥିଲା। ଏବେ ଏହାର ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। କେନ୍ଦୁଝରର ବିକାଶ କିପରି ହେବ ସେ ନେଇ ଆମେ ସମସ୍ତେ ପ୍ରତିବଦ୍ଧ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଏଥି ସହିତ ଜିଲ୍ଲାରେ ରହିଥିବା ଅନ୍ୟାନ୍ୟ ସମସ୍ୟାର ସମାଧାନ ହୋଇ ପାରିବ ସେ ନେଇ ସମସ୍ତଙ୍କର ସହଯୋଗ *(ପୃଷ୍ଠା ୭ରେ)*

## ନୂଆବର୍ଷରୁ ଶ୍ରୀମନ୍ଦିରରେ ନୂଆ ଦର୍ଶନ ବ୍ୟବସ୍ଥା

**ପୁରୀ, ୧୯।୧୨ : ନ୍ୟୁଜ୍ ବ୍ୟୁରୋ**

ନୂଆବର୍ଷରୁ ଶ୍ରୀମନ୍ଦିରରେ ନୂଆ ଦର୍ଶନ ବ୍ୟବସ୍ଥା। ଜାନୁଆରୀ ପହିଲାରୁ ଏହି ବ୍ୟବସ୍ଥା ଲାଗୁ ହେବ। ନାଟମଣ୍ଡପରେ ବ୍ୟାରିକେଡ ଓ ର୍ୟାମ୍ପ ସିଷ୍ଟମ ରହିବ। ସ୍ୱତନ୍ତ୍ର ବାରିକେଡ ଦେଇ ଶ୍ରୀଜୀଉଙ୍କ ଦର୍ଶନ କରିବେ ଶ୍ରଦ୍ଧାଳୁ। ଦିବ୍ୟାଙ୍ଗ, ମହିଳା, ଶିଶୁ, ବରିଷ୍ଠ ନାଗରିକ ଓ ପୁରୁଷ ଭକ୍ତଙ୍କ ପାଇଁ ରହିବ ଅଲଗା ଅଲଗା ଲାଇନ। ତେବେ କେମିତି ଓ କେଉଁଠୁ ଆରମ୍ଭ ହେବ ବ୍ୟାରିକେଡ୍ ଏ ନେଇ ପରିଚାଳନା କମିଟିର ସ୍ଥାୟୀ ସଭାପତି ଗଜପତି ମହାରାଜାଙ୍କୁ ଅବଗତ କରାଯିବା ସହ ଆଇନ୍ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ



ବସିଥିଲା।

ଓବିସିସି ଦ୍ୱାରା ଡାଇଗ୍ରାମ କରାଯାଇଥିବା ର୍ୟାମ୍ପ ବ୍ୟବସ୍ଥା ନୂଆବର୍ଷ ପୂର୍ବରୁ ନିର୍ମାଣ ଶେଷ କରାଯିବ। ଯଦିଓ ନୂଆ ଦର୍ଶନ ବ୍ୟବସ୍ଥାର ପୂର୍ଣ୍ଣ ଚିତ୍ର ଆସିନାହିଁ, ତେବେ ସୂଚନା ଅନୁସାରେ ୬ ଲେନ୍ ବିଶିଷ୍ଟ ବ୍ୟାରିକେଡ୍ ନିର୍ମାଣ ହେବ।

ଓବିସିସି କର୍ତ୍ତୃପକ୍ଷଙ୍କ ସହ ମଧ୍ୟ ସବିଶେଷ ଆଲୋଚନା ସରିଥିବା କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ। ମୁଖ୍ୟ ପ୍ରଶାସକ ଆହୁରି ମଧ୍ୟ କହିଛନ୍ତି ଯେ, ଛତିଶାନିଯୋଗର ପରାମର୍ଶ ଆଧାରରେ ଅସ୍ଥାୟୀ ବ୍ୟାରିକେଡ ବ୍ୟବସ୍ଥା ନିର୍ମାଣ ଦ୍ୱାରା ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଚାଲିବ। ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ମଧ୍ୟ ଉଦ୍ୟମ ଚାଲିଛି।

ସୂଚନା ଅନୁସାରେ କାଠରେ ବ୍ୟାରିକେଡ୍ ଓ ର୍ୟାମ୍ପ ତିଆରି ହେବ। ପ୍ରଥମ ଲେନରେ ଦିବ୍ୟାଙ୍ଗମାନେ ଯିବେ। ଦ୍ୱିତୀୟ ଲେନରେ ଶିଶୁ ଓ *(ପୃଷ୍ଠା ୭ରେ)*


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


## ରବିବାର ସକାଳ ଯାଏଁ ବର୍ଷା

**ଭୁବନେଶ୍ୱର, ୧୯।୧୨ : ନ୍ୟୁଜ୍ ବ୍ୟୁରୋ**

ଦକ୍ଷିଣ ବଙ୍ଗୋପ ସାଗରରେ ଲଘୁଚାପ ସକ୍ରିୟ ଥିବା ବେଳେ ରବିବାର ସକାଳ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗ ମେଘୁଆ ରହିବା ସହିତ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ସେହିପରି ୨୧ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଥିବା ବେଳେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡା, ବଲାଙ୍ଗୀର, ବୌଦ୍ଧ, ସୋନପୁର, ଅନୁଗୋଳ, *(ପୃଷ୍ଠା ୭ରେ)*




ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ୫୦% ପର୍ଯ୍ୟନ୍ତ ବୃଦ୍ଧି ଘଟିଛି ପିଆଜ

ଗତ କିଛି ଦିନ ଭିତରେ ସାରା ଦେଶରେ ପିଆଜ ମହଙ୍ଗା ହେବାରେ ଲାଗିଛି। ପିଆଜ ଉପରେ କେନ୍ଦ୍ର ସରକାର ଜାରି କରିଥିବା କଟକଣା କୋହଳ ହେବା ଆଶାରେ କିଛି ବ୍ୟବସାୟୀ ପିଆଜକୁ ମହଜୁଦ ରଖି କୃତ୍ରିମ ଅଭାବ ସୃଷ୍ଟି କରିବାକୁ ପ୍ରୟାସ କରୁଥିବା ମଧ୍ୟ ଅଭିଯୋଗ ରହିଛି। ଭାରତର ସବୁଠୁ ବଡ଼ ପିଆଜ ପାଇକାରୀ ବଜାର ମହାରାଷ୍ଟ୍ରର ଲାସାଲଗାଓଁ ମଣ୍ଡିରେ ପିଆଜର ପାଇକାରୀ ଦାମ୍ କେଜି ପିଛା ୨୬ ଟଙ୍କାକୁ ବୃଦ୍ଧି ପାଇଛି। ଏହି ଦାମ୍ ୧୭ ଟଙ୍କା ଥିଲା। ପିଆଜ ଦାମରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ଉନ୍ନତ ମାନର ପିଆଜ କେଜି ଦାମ୍ କେଜି ପିଛା ୩୦ ଟଙ୍କା ରହିଛି। ଚାହିଦା ପୂରଣ କରିବା ଲାଗି ପିଆଜ ଯୋଗାଇ ହେଉନଥିବାରୁ ତାହାର ଦାମ୍ ବଢୁଛି। ଜୁନ୍ ମାସ ପରଠାରୁ ଚାଷୀ ଓ ବ୍ୟବସାୟୀମାନଙ୍କ ପାଖରେ ଥିବା ପିଆଜ ବଜାରକୁ ଆସିଯିବା କଥା। ରବି ଋତୁରେ ଉତ୍ପାଦନ କମ୍ ହୋଇଥିବାରୁ ପିଆଜ ଦାମ୍ ବଢ଼ିବ ବୋଲି ଭାବି ଚାଷୀମାନେ ତାହା ବଜାରକୁ ଛାଡୁନାହାନ୍ତି। ଅଳ୍ପ ଦାମରେ ପିଆଜ ବିକିବାକୁ ସେମାନେ କୁଣ୍ଠା ପ୍ରକାଶ କରୁଛନ୍ତି। ନିଜ ଉତ୍ପାଦିତ ସାମଗ୍ରୀ ଲାଗି ସେମାନେ ଅଧିକ ଦାମ୍ ଆଶା କରୁଛନ୍ତି। ଅନ୍ୟପକ୍ଷରେ ପିଆଜ ରପ୍ତାନି ଉପରେ ଲଗାଯାଇଥିବା କଟକଣା କୋହଳ କରାଯିବା ପରେ ଶ୍ରୀଲଙ୍କା, ବାଂଲାଦେଶ, ମାଲେସିଆ ଓ ଅନ୍ୟାନ୍ୟ ଦେଶକୁ ପିଆଜ ରପ୍ତାନି ବୃଦ୍ଧି ପାଇଛି। ଏହାର ପ୍ରଭାବରେ ଦେଶ ଭିତରେ ପିଆଜ ଅଭାବ ଦେଖାଦେଇଛି। ଜଣେ ବ୍ୟବସାୟୀଙ୍କ ସୂଚନା ଅନୁସାରେ ମହାରାଷ୍ଟ୍ରର ନାସିକରୁ ପ୍ରତିଦିନ ୩୦ ଟନ୍ ଲେଖାଏଁ ପିଆଜ ଭର୍ତ୍ତି ହୋଇଥିବା ୧୦୦ କଣ୍ଟେନର ରପ୍ତାନି ହେଉଛି। ଗତମାସରୁ କଟକଣା କୋହଳ ହେବା ପରେ ଅଧିକ ପରିମାଣର ପିଆଜ ଦେଶ ବାହାରକୁ ଯାଉଛି। ଦେଶ ଭିତରେ ପିଆଜ ଅଭାବ ଦେଖାଦେବା ପରେ କେନ୍ଦ୍ର ସରକାର ତାହାର ରପ୍ତାନି ଉପରେ ୪୦ ପ୍ରତିଶତ ଟିକସ ଲଗାଇଥିଲେ। ସେଥିପାଇଁ ପିଆଜ ରପ୍ତାନି କମ୍ ରହିଛି। ଅନ୍ୟପକ୍ଷରେ ନିକଟରେ ସାରା ଦେଶରେ ପିଆଜର ଚାହିଦା ବଢ଼ିଛି। ବିଶେଷ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ମହାରାଷ୍ଟ୍ର ପିଆଜକୁ ନେଇ ଚାହିଦା ବୃଦ୍ଧି ପାଇଛି। ଉଦ୍ୟାନ କୃଷି ଉତ୍ପାଦ ରପ୍ତାନି ସଂଘର ସଭାପତି ଅଜିତ ଶାହ କହିଛନ୍ତି ଯେ ପିଆଜ ଦର ବଢ଼ିବାର ଏକ ପ୍ରମୁଖ କାରଣ ହେଉଛି ଚାଷୀ ଓ ବ୍ୟବସାୟୀମାନେ ଷ୍ଟକ୍ ମହଜୁଦ ରଖିଛନ୍ତି। କେନ୍ଦ୍ର ସରକାର ରପ୍ତାନି କଟକଣା କୋହଳ କରିବେ ବୋଲି ସେମାନେ ଆଶା କରୁଛନ୍ତି। ପ୍ରବଳ ଗରମ, ଅଦିନିଆ ବର୍ଷା ଯୋଗୁ ଯୋଗାଣ ପ୍ରଭାବିତ ହୋଇଥିବାରୁ ଗତ ସପ୍ତାହରେ ଟମାଟୋ, ପିଆଜ ଓ ଆଳୁ ଦାମରେ ବୃଦ୍ଧି ଘଟିଥିବା ଜଣାପଡ଼ିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମସ୍ତୁତେ ।'

**ସତ୍ୟ ପାଶେ ଶାନ୍ତି ଦେଲ**
**ଦୟା ପାଶେ କ୍ଷମା ଦେଲ**
**ନାମ ଥୋଇ ଅନାମକୁ**
**ଗୁପତ କରିଲ**
**ହେ ପ୍ରଭୁ ଜଗତନାଥ**
**ମୁଁ**
**କୁହାର କୁହ (୫)**
**ସବୁ ଦେଇ ଶୂନ୍ୟ କଲ**
**ଶୂନ୍ୟ ବ୍ରହ୍ମ ବୋଲାଇଲ**
**ସେ ଶୂନ୍ୟ ବ୍ରହ୍ମ ପଦ୍ମକୁ**
**ଅର୍ଭିକି ନ ଦେଲ**
**ହେ ପ୍ରଭୁ ଜଗତନାଥ**
**ମୁଁ**
**କାହାର କୁହ (୬)**

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କର୍ଣ୍ଣରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅସ୍ତ ବ୍ୟସ୍ତ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)
(କ୍ରମଶଃ)

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୪)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ–୯୬୬୮୨୯୮୪୯୪

ବସୁଧା ଉପରେ ବହି ଯାଇଥିଲା ରକ୍ତର ପ୍ଲାବନ। ମହାକାଳର କରାଳ ଗର୍ଭରେ ମୁକୁନ୍ଦ ଦେବଙ୍କୁ ବିଦାୟ ଦେବାବେଳେ ଏ ଓଡ଼ିଆ ଜାତି କେବଳ ଅଶ୍ରୁ ତର୍ପଣ ବ୍ୟତୀତ ଆଉ କିଛି ପ୍ରତିବାଦ କରି ପାରିନଥିଲା। ଓଡ଼ିଶାର ଶେଷ ସ୍ୱାଧୀନ ରାଜାଙ୍କ ଦେହାନ୍ତ ପରେ କଳା ପାହାଡର ଆତଙ୍କିତ ଧ୍ୱଂସ ଲୀଳା ଇତିହାସରେ ଛାତିଫଟା କରୁଣ କାହାଣୀ ଆଜିବି ଲିପିବଦ୍ଧ ହୋଇ ରହିଛି। ଯୁଦ୍ଧର ପରିଣାମ ଥିଲା ଅତ୍ୟନ୍ତ ଭୟାନକ।

୧୫୬୮ ମସିହାରେ ଓଡିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କୁ ଅନ୍ତିମ ଶଯ୍ୟାରେ ଶୟନ କରାଇ ଦେବା ପରେ ରାଜ୍ୟରେ ସମସ୍ତ ପ୍ରଜା ବିଚଳିତ ହୋଇ ପଡିଲେ। ଗୋଟିଏ ପକ୍ଷରେ ଉତ୍କଳର ରାଜନୈତିକ ନେତୃତ୍ୱର ଦୁର୍ଭାଗ୍ୟ ଜନକ ଅବସାନ, ଅନ୍ୟ ଦିଗରେ ଆଫଗାନ ଦୁର୍ଦ୍ଧର୍ଷ ସେନାବାହିନୀର ଧ୍ୱଂସାତ୍ମକ ଗତିଶୀଳତାକୁ ପ୍ରତିହତ କରିବା ନିମନ୍ତେ ଉତ୍କଳର ସମସ୍ତ ବୌଦ୍ଧିକ, ସାମରିକ ଶକ୍ତି ନିର୍ବାପିତ ହୋଇ ସାରିଥିଲା। ବଙ୍ଗର ସୁଲତାନ୍ ସୁଲେମାନ୍ କର ରାଣୀଙ୍କର ସେନାପତି ତଥା ପରାକ୍ରମଶାଳୀ ଯୋଦ୍ଧା ଭାବେ କାର୍ଯ୍ୟ କରିବାର ବିଚକ୍ଷଣତା ଆଉ ଅସୀମ ସାମର୍ଥ୍ୟ ଯେପରି କଳାପାହାଡ ରହିଥିଲା, ଏହି କଥା ଚିନ୍ତାକରି ସୁଲତାନ୍ ସେନାପତି କଳାପାହାଡକୁ ସବୁଠାରୁ ଆପଣାର କରିନେଇଥିଲେ। ସୁଲତାନଙ୍କ ନିକଟରେ, କଳାପାହାଡ ଓଡ଼ିଶାର ଲୋକ ଚରିତ୍ର ଓଡ଼ିଶା ପ୍ରଜାମାନଙ୍କର ପ୍ରାଣ କେନ୍ଦ୍ର ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ର କରି ଯେଉଁ ସ୍ପର୍ଦ୍ଧିତ ଉଦ୍‌ବେଳନ ସବୁ ଗତିଶୀଳ ହୋଇଥାଏ, ତାହାର ଏକ ପୂର୍ଣ୍ଣାଙ୍ଗ ଚିତ୍ର ବଖାଣି ସାରିଥିଲା। ଏହା ପରେ ସୁଲତାନ ଯେତେବେଳେ କଳାପାହାଡକୁ ଉତ୍କଳ ଆକ୍ରମଣ କରିବା ପାଇଁ ପରାମର୍ଶ ଦେଇଥିଲେ ଓ ଆକ୍ରମଣ କରି ସାରିବାପରେ ଯେଉଁ ଧ୍ୱଂସଲୀଳା ସବୁ ସୃଷ୍ଟି କରିବା ପାଇଁ ପରାମର୍ଶ ସବୁ ଦେଇଥିଲେ ସେହି ପରାମର୍ଶ ଗୁଡିକୁ ଅକ୍ଷରେ ଅକ୍ଷରେ ପାଳନ କରିବା ଥିଲା କଳାପାହାଡର ପରମ କର୍ତ୍ତବ୍ୟ, ପରିସ୍ଥିତିକୁ ସଂପୂର୍ଣ୍ଣ ଆକଳନ କରି କଳାପାହାଡ ମୁକୁନ୍ଦ ଦେବଙ୍କୁ ହତ୍ୟା କରି ସାରିବା ପରେ ସୁଲତାନ୍‌ଙ୍କ ସମସ୍ତ ନିର୍ଦ୍ଦେଶକୁ ପାଳନ କରିଚାଲିଲା ଅବାରିତ ଢଙ୍ଗରେ। ସୁଲତାନ୍‌ଙ୍କ ନିର୍ଦ୍ଦେଶ ମତେ ସାମାନ୍ୟତମ ଅଂଶକୁ ବି ବାଦ୍ ଦେଲା ନାହିଁ।

ସୁଲତାନ ଶୁଣିଥିଲେ ଓଡ଼ିଆ ଜାତିର ଦର୍ପିତ ଇତିହାସ ଓ ବିପର୍ଯ୍ୟୟର ଧାରାବାହିକତା, ତନ୍ମଧ୍ୟରୁ ତାଙ୍କୁ ବିସ୍ମିତ କରିଥିଲା ଗଙ୍ଗବଂଶର ଶ୍ରେଷ୍ଠ ନରପତି ଚୋଡଗଙ୍ଗଦେବଙ୍କ ଦୁଃସାହସର କାହାଣୀ ଏବଂ ଗଜପତି ବଂଶର ପ୍ରସିଦ୍ଧ ନରପତି କପିଳେନ୍ଦ୍ର ଦେବଙ୍କ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିଶ୍ୱ ବିଦିତ ଜୟଯାତ୍ରା। ଏତଦ୍‌ବ୍ୟତୀତ ସୁଲତାନଙ୍କୁ ସବୁଠାରୁ ସ୍ତବ୍ଧ କରି ଦେଇଥିଲା ଉତ୍କଳର ଏହି ଦୁଇଜଣ ନରପତି ଏତେ ବଡ ବଡ ପରାକ୍ରମଶାଳୀ ଚର୍ଚ୍ଚିତ ଯୋଦ୍ଧା ହୋଇ ବି ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ସେମାନଙ୍କର ଅଖଣ୍ଡ ଶ୍ରଦ୍ଧା ଓ ଅବିଚଳିତ ଭକ୍ତିଭାବ ଦ୍ୱାରା ସର୍ବ ଶ୍ରେଷ୍ଠ ବୀରତ୍ୱରେ ପରିଣତ କରିପାରିଥିଲା। ସେ ଜାଣି ପାରିଥିଲେ କେବଳ ଉତ୍କଳକୁ ଛାଡିଦେଲେ ସଂସାରରେ ଏପରି କୌଣସି ଜାତିନାହିଁ, ଯାହାର ଶାସକ କିମ୍ବା ସମ୍ରାଟ ଅଥବା ସାଧାରଣ ଜନତା ଗୋଟିଏ କାଷ୍ଠ ପ୍ରତିମାର ବାହୁଛାୟା ତଳେ ଆଶ୍ରୟ ନେଇ ସମଗ୍ର ବିଶ୍ୱକୁ ପଦାନତ କରିବାର ଦୁର୍ବାର ସାହସ ସଂରଚନା କରିପାରେ ! ଅତୀତରେ କଳିଙ୍ଗ ଯୁଦ୍ଧରେ ଏଜାତି ବିପର୍ଯ୍ୟସ୍ତ ହୋଇଛି ସତ୍ୟ, କେବଳ ସେତିକି ନୁହେଁ, ପ୍ରତାପରୁଦ୍ରଙ୍କ ସମୟରେ ବିଶାଳ ସାମ୍ରାଜ୍ୟ ସଙ୍କୁଚିତ ହୋଇଛି ତଥାପି ଏ ଓଡ଼ିଆ ଜାତି କେବଳ ଜଗନ୍ନାଥଙ୍କୁ ଆଶ୍ରୟ କରି ବିଶ୍ୱ ପୃଷ୍ଠରେ ଧ୍ୱଂସ ସ୍ତୁପ ମଧ୍ୟରୁ ନିଜକୁ ଉଦ୍ଧାର କରିପାରିଛି। ଏହା କିଛି କମ୍ ଗର୍ବର କଥା ନୁହେଁ। ଏହି ବଳିଷ୍ଠ ଦୃଷ୍ଟାନ୍ତକୁ ସୁଲତାନ ମନ ମଧ୍ୟରେ ଚିନ୍ତାକରି କଳାପାହାଡକୁ ନିର୍ଦ୍ଦେଶ ଦେଇ କହିଥିଲେ ଯେ, ଯୁଦ୍ଧରେ କୌଣସି ମତେ ବିଜୟ ହାସଲ କରିବାର ସୂତ୍ରପାତ କରି କାର୍ଯ୍ୟହାସଲ କରିବାର ଠିକ୍ ପରେ ପରେ ଉତ୍କଳ ଜନତାର ସର୍ବୋତ୍ତମ ଆଧାତ୍ମିକ କେନ୍ଦ୍ରବିନ୍ଦୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିକୁ ଅପହରଣ କରି ଉତ୍କଳ ବାସୀଙ୍କୁ ଅନ୍ତଃସାର ଶୂନ୍ୟ କରିଦେବା ଉଚିତ୍, କାରଣ ଜଗନ୍ନାଥ କାଷ୍ଠରେ ନିର୍ମିତ ହୋଇଥିଲେ ବି ଓଡ଼ିଶାବାସୀଙ୍କର ସେ ହେଉଛନ୍ତି ମହାଶକ୍ତିର କେନ୍ଦ୍ରବିନ୍ଦୁ। (କ୍ରମଶଃ)

# ଓଡ଼ିଶାର କୃଷି ଉତ୍ପାଦନ ପାଇଁ ନିଶ୍ଚିତ ଉପାୟ



ଡଃ .ଲକ୍ଷ୍ମୀ ନାରାୟଣ କର
ପ୍ଲଟ ନଂ ୨୫
ସୂର୍ଯ୍ୟ ନଗର
ଭୁବନେଶ୍ୱର
୯୪୩୭୧୮୫୬୦୭.

ଆମ ରାଜ୍ୟର ଶତକଡା ୭୫ % ଭାଗ ଲୋକ ଚାଷ କାର୍ଯ୍ୟ ଉପରେ ହିଁ ନିର୍ଭର କରିଥାନ୍ତି। କିନ୍ତୁ ବଡ ଦୁଃଖର କଥା ଯେ ଏବେ ବି ଆମକୁ ଡାଲି, ତୈଳବୀଜ, ଆଳୁ, ପିଆଜ, ଅନେକ ପରିବା, ବିଭିନ୍ନ ପ୍ରକାରର ଫଳର ବ୍ୟବହାର କରିବା ପାଇଁ ଅନ୍ୟ ରାଜ୍ୟରୁ ଆମଦାନୀ କରିବାକୁ ପଡୁଛି ଓ ସମୟ ସମୟରେ ଅଧିକ ଦାମ୍ ଦେବାକୁ ପଡୁଛି ଯାହା ଫଳରେ ଖାଉଟି ମାନେ ଅନେକ ହନ୍ତସନ୍ତ ହେଉଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ଯେ ଆମର ସବୁ ସୁବିଧା ଥାଇ ମଧ୍ୟ ଆମର ସବୁ ଯୋଜନା କେବଳ ଆଲୋଚନା କରିବା ପରେ ତାହା ଚାରିକାନ୍ଥ ଭିତରେ ହିଁ ସୀମାବଦ୍ଧ ହୋଇ ରହି ଯାଉଛି । ଆଜିଯାଏଁ ଆମ ରାଜ୍ୟରେ ସଠିକ୍ ଭାବେ କେତେ ଡାଲି, ଖାଇବା ତେଲ, ମାଛ, ଅଣ୍ଡା ଓ ମାଂସ,( ଛେଳି ଓ କୁକୁଡ଼ା ) ଇତ୍ୟାଦି ଗୋଟିଏ ବର୍ଷରେ କେତେ ଦରକାର ତାର ହିସାବ ନାହିଁ ଯାହାକି ନିହାତି ଜରୁରୀ ଅଟେ । ଯଦି ଏହି ଅଟକଳ ଆମ ରାଜ୍ୟ ପାଇଁ କରି ବ୍ଲକ ସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ କରାଯାଆନ୍ତା ତେବେ ପ୍ରକୃତ ହିସାବ ମିଳିଯାନ୍ତା । ସେହି ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମକୁ କୃଷି ବିଭାଗ, ଉଦ୍ୟାନ ବିଭାଗକୁ ଅଧିକ ଆନ୍ତରିକତା ସହ ଚାଷୀମାନଙ୍କ ସହିତ ମିଳିତ ଭାବେ କାର୍ଯ୍ୟକ୍ରମ କରି ପାରିଲେ ଆମେ ମଧ୍ୟ ବାହାରକୁ ଆମର ଉତ୍ପାଦ ବିକ୍ରୟ ପାଇଁ ପଠାଇ ପାରିବା ।

ପ୍ରଥମ କଥା ହେଲା ଯେ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତି ବ୍ଲକ୍‌ରେ ଦୁଇ ଜଣ କୃଷି ସମ୍ପ୍ରସାରଣ ଅଧିକାରୀ, ଜଣେ ଉଦ୍ୟାନବିତ, ଦୁଇ ଜଣ ଗ୍ରାମ ସେବକ, ଜଣେ ଗ୍ରାମ ସେବିକା ରହିବା ଆବଶ୍ୟକ । ଏମାନେ ଚାଷୀ ମାନଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କରେ ଆସି ସେମାନଙ୍କ ଚାଷ କରିବା ସମୟରେ କି କି ଅସୁବିଧା ଅଛି ଓ ତାର ସମାଧାନର ବାଟ ଦେଖାଇବା ସହିତ ପ୍ରତି ମୁହୂର୍ତ୍ତରେ ସେମାନଙ୍କ ପାଖରେ ପହଞ୍ଚିବା ପାଇଁ ଚେଷ୍ଟା କରିବା ଦରକାର । ଏହି କର୍ମଚାରୀ ମାନଙ୍କ ପାଇଁ ବ୍ଲକ୍ ତରଫରୁ ରହିବା ପାଇଁ ଗୃହ ବ୍ୟବସ୍ଥା ରହିବା ଦରକାର । ଏହି ଅଧିକାରୀ ମାନେ ସମୟ ସମୟରେ ତାଙ୍କ କାର୍ଯ୍ୟ ପରିସର ମଧ୍ୟରେ ଥିବା ସମସ୍ତ ଗ୍ରାମ ଗୁଡ଼ିକୁ ବୁଲି କିପରି ମାଟି ପରୀକ୍ଷା ନିରୀକ୍ଷା କରାଯାଇ କେଉଁ ଜମିରେ କେଉଁ ଫସଲ ଭଲ ଭାବରେ ହୋଇପାରିବ ତାହା ଚାଷୀମାନଙ୍କୁ ବୁଝାଇବା ଆବଶ୍ୟକ ଓ ଚାଷୀମାନଙ୍କୁ କୃଷି ସମ୍ବନ୍ଧୀୟ ବିଭିନ୍ନ ପ୍ରକାରର ଲେଖା, ପତ୍ରିକା ବା ପୁସ୍ତକ ଯୋଗାଇ ଦେଲେ ମଧ୍ୟ ଚାଷୀ ମାନେ ସେଥିରୁ ଅନେକ ଜ୍ଞାନ ଆହରଣ କରି ପାରନ୍ତେ। କେତେ ଗୁଡିଏ ଗାଁ'ର ଚାଷୀମାନଙ୍କୁ ନେଇ ଛୋଟ ଛୋଟ ସଂଗଠନ ଗଢି ତାହା ମାଧ୍ୟମରେ ଚାଷୀ ମାନଙ୍କ ଅସୁବିଧାକୁ ନେଇ ବିଭାଗୀୟ ଉଚ୍ଚ ଅଧିକାରୀ ଓ ଦରକାର ପଡେ ତେବେ ବିଭାଗୀୟ ମନ୍ତ୍ରୀମାନଙ୍କ ପାଖକୁ ଯାଇ ଚାଷୀଙ୍କ ଅସୁବିଧା ଦୂର କରିବାକୁ ଚେଷ୍ଟା କରାଯାଇପାରିବ । ଆଉ ଗୋଟିଏ ବଡ କଥା ହେଲା ଯେ ଆମର ଜଳ ସେଚନର ସୁବିଧା ଅତି ନିମ୍ନ ମାନର। ମୁଖ୍ୟ କେନାଲରୁ ଚାଷ ଜମିକୁ ଯେଉଁ ଜଳ ସେଚନ ପାଇଁ ଛୋଟ ଛୋଟ କେନାଲ ସୃଷ୍ଟି କରାଯାଇଛି ସେଥିରେ ଠିକ୍ ଭାବରେ ପାଣି ଆସେ ନାହିଁ । କେନାଲର ଶେଷ ପର୍ଯ୍ୟନ୍ତ ପାଣି ଯିବା ମହା ମୁସ୍କିଲ । ଅନେକ ସମୟରେ ଲୋକମାନେ ବହୁତ୍ କିଛି ଚାଷ କରିବାକୁ ଇଚ୍ଛା କରିଥିବା ସମୟରେ ଚାଷୀ ମାନେ ଠିକ୍ ସମୟରେ ପାଣି, ଉନ୍ନତ ବିହନ, ସୁଲଭ ମୂଲ୍ୟରେ ସାର, ପୋକ ମରା ଔଷଧ, ଇତ୍ୟାଦି ପାଇ ପାରନ୍ତି ନାହିଁ ଯାହା ଫଳରେ କୃଷି ଉତ୍ପାଦନ କମିଯାଏ। ଆମ ରାଜ୍ୟରେ ସବୁ ପ୍ରକାରର ଡାଲି ଜାତୀୟ ଶସ୍ୟ, ତୈଳବୀଜ, ମାଛ ଚାଷ, କଙ୍କଡା ଚାଷ, କୁକୁଡ଼ା, ମେଣ୍ଢା, ଛେଳି ବତକ, ଆଳୁ, ପିଆଜ, ଦେଶୀଆଳୁ ତଥା ଅନ୍ୟାନ୍ୟ ପନିପରିବା ଚାଷ କରିବା ପାଇଁ ଚାଷ ଜମିର ଅଭାବ ନାହିଁ ବା ଆମ ଚାଷୀ ମାନେ କର୍ମଠ ନୁହନ୍ତି ବି ଏପରି କିଛି ନାହିଁ କେବଳ ଯାହା ଅଭାବ ରହିଛି ତାହା ହେଉଛି ଆମ ସରକାରଙ୍କ ଆନ୍ତରିକତା ଓ ବିଭାଗୀୟ ଅଧିକାରୀମାନଙ୍କ ଆନ୍ତରିକତା । ରାଜ୍ୟରେ କୃଷି ମହାବିଶ୍ୱବିଦ୍ୟାଳୟ ଅଛି ସେଠାରେ ଅନେକ ଅଭିଜ୍ଞ ଓ କୁଶଳୀ କୃଷି ବିଜ୍ଞାନି, ମତ୍ସ୍ୟ ବିଜ୍ଞାନୀ, ପଶୁ ବିଜ୍ଞାନୀ ମାନଙ୍କର ଅଭାବ ନାହିଁ କିନ୍ତୁ ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସବୁ ବିଭାଗରୁ ପ୍ରତିବର୍ଷ ଛାତ୍ରଛାତ୍ରୀମାନେ ଅନେକ ଗବେଷଣା କରୁଛନ୍ତି, ବିଭିନ୍ନ ପ୍ରକାରର ରୋଗ ପ୍ରତିଷେଧକ ଟୀକା ପଶୁମାନଙ୍କ ପାଇଁ ଓ ବୃକ୍ଷଲତା ପାଇଁ ବାହାର କରିଛନ୍ତି , ଅଧିକ ଉତ୍ପାଦନକ୍ଷମ ଧାନ, ଗହମ, ପିଆଜ, ଆଳୁ , କଦଳୀ, ନଡ଼ିଆ, ପିଜୁଳି ଇତ୍ୟାଦି ଅନେକ କାମ କରୁଛନ୍ତି କିନ୍ତୁ ତାହା କେବଳ ସେହି ବିଶ୍ୱବିଦ୍ୟାଳୟର ଗବେଷଣା ଘରର ଚାରିକାନ୍ଥ ମଧ୍ୟରେ ରହିଯାଉଛି। ଏହି କୃଷି ବିଶ୍ୱବିଦ୍ୟାଳୟରେ ଟିସୁ କଲଚର୍ ପ୍ରଣାଳୀ ମାଧ୍ୟମରେ ଆଳୁ ଓ କଦଳୀ ଚାଷ ଅତ୍ୟନ୍ତ ଲାଭବାନ କିନ୍ତୁ ତାହା ଚାଷୀମାନଙ୍କ ପାଖରେ ପ୍ରଚୁର ପରିମାଣରେ ପହଞ୍ଚି ପାରୁନାହିଁ ଯାହା ଫଳରେ ଏହି ଚାଷର ଉପକାରିତା ସମ୍ପର୍କରେ ଚାଷୀମାନେ କିଛି ଜାଣି ପାରିନାହାନ୍ତି । ଏଥିପାଇଁ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ମାନେ ହିଁ ପ୍ରତ୍ୟକ୍ଷ ଭାବରେ ଦାୟୀ । ମାଗୁର, ଶେଉଳ, କଉ ମାଛକୁ ଲୋକମାନେ ବହୁତ୍ ଭାବରେ ଖାଇବାକୁ ଭଲ ପାଆନ୍ତି ଏହା ମଧୁର ମାଛ ଭାବରେ ଜଣା । ପଶ୍ଚିମବଙ୍ଗରେ ମାଛ ଚାଷୀ ମାନେ ନିଜର ଛୋଟ ଛୋଟ ବାଡ଼ିରେ ଥିବା ପୋଖରୀରେ ଅଳ୍ପ ଅଳ୍ପ ଖାଦ୍ୟ ଦେଇ ଏହି ମାଛ କରି ଅନେକ ଲାଭବାନ ହେଉଛନ୍ତି ଓ ସେମାନଙ୍କୁ ପଶ୍ଚିମବଙ୍ଗ ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ପୁରା ମାତ୍ରାରେ ସାହାଯ୍ୟ କରୁଛନ୍ତି । ଯଦି ଆମ ରାଜ୍ୟରେ ମଧ୍ୟ କେବଳ କାଗଜ କଲମରେ ନ ହୋଇ ପ୍ରକୃତ କ୍ଷେତ୍ରରେ ଚାଷୀ ମାନଙ୍କ ସହିତ ପରାମର୍ଶ କରି ସେମାନଙ୍କୁ ଉତ୍ସାହିତ କରାଇ ବିଭିନ୍ନ ପ୍ରକାରର ଦେଶୀ ମାଛ ସହିତ ଉନ୍ନତ ଭଲ ମାଛ ଜାଆଁଳା ଯେପରି ସିଲଭର କ୍ୟାପ, ମଧୁର ଚିଙ୍ଗୁଡ଼ି ,ଝୁଡ଼ି ଭିତରେ କଙ୍କଡା ଚାଷ କରା ଯାଆନ୍ତା ତେବେ ଆମ ଚାଷୀ ମାନେ ଲାଭବାନ ହେବା ସହିତ ଆମ ରାଜ୍ୟ ମଧ୍ୟ ଆର୍ଥିକ ଉନ୍ନତି କରିପାରନ୍ତା । ଏଥିପାଇଁ ମାନ୍ୟବର କୃଷି ମନ୍ତ୍ରୀ ନିଜ ବିଭାଗୀୟ ଅଧିକାରୀ ମାନଙ୍କ ସହିତ, କୃଷି ମହାବିଶ୍ୱବିଦ୍ୟାଳୟ ଓ ସାରା ଓଡ଼ିଶାର କୃଷକ ମାନଙ୍କୁ ନେଇ କିଛି ଭାଗ ଭାଗ କରି ରାଜ୍ୟର ସବୁ ବ୍ଲକ ସ୍ତରରୁ ଯଦି ଆନ୍ତରିକତାର ସହିତ କାର୍ଯ୍ୟକ୍ରମ ଆରମ୍ଭ ହୁଏ ତେବେ ଓଡ଼ିଶା ଭାରତରେ ଏକ ନମ୍ବର କୃଷି ଉତ୍ପାଦନ କ୍ଷେତ୍ରରେ ସାମିଲ ହୋଇ ପାରିବ। ଏହା ଛଡ଼ା ଗରିବ ଚାଷୀ ମାନେ କିପରି ଭାବରେ ଅତି ସୁଲଭ ମୂଲ୍ୟରେ ଟ୍ରାକ୍ଟର, ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ପାଇପାରିବେ ସେଥିପାଇଁ ଯଦି ଦରକାର ହୁଏ ତେବେ ଚାଷୀ କିପରି ଠିକ୍ ସମୟରେ କୃଷି ଋଣ ପାଇପାରିବ ତାହା କୃଷି ବିଭାଗ ଅଧିକାରୀ ମାନେ ଉଚିତ୍ ତଦାରଖ କରିବା ଦରକାର । ଆଜିକାଲି ସୌର ଶକ୍ତି ମାଧ୍ୟମରେ ଜଳସେଚନ କରିବା ଦ୍ୱାରା ସେମାନଙ୍କର ବିଦ୍ୟୁତ୍ ଖର୍ଚ୍ଚ ଅନେକାଂଶରେ କମ୍ ହେବ । ସବୁଠାରୁ ବଡ କଥା ହେଲା ଯେ ଆମ ରାଜ୍ୟର ଚାଷୀ ମାନେ ଆଧୁନିକ ଯାନ୍ତ୍ରିକକରଣ ଅନେକ ମିଳୁଥିବା ସତ୍ତ୍ୱେ ସେମାନଙ୍କର ଏହା ଉପରେ ଧାରଣା ନଥିବା ଓ ଅର୍ଥର ଅଭାବ ଯୋଗୁଁ ସର୍ବୋପରି ଆଧୁନିକ ବୈଷୟିକ ଜ୍ଞାନ କୌଶଳର ପ୍ରୋତ୍ସାହନମୂଳକ ଶିକ୍ଷା କୃଷି ବିଭାଗ ତରଫରୁ ବା ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ଗୁଡିକ ମାଧ୍ୟମରେ ଆନ୍ତରିକତାର ସହିତ ଚାଷୀ ମାନଙ୍କୁ ମୃତ୍ତିକା ସଂରକ୍ଷଣ, ମୃତ୍ତିକା ପରୀକ୍ଷଣ, ମାଛ ଚାଷ, ଗୋ ପାଳନ, କୁକୁଡ଼ା, ବତକ, ଘୁଷୁରୀ, ଛତୁ, ଗୁଣ୍ଡରି ଚଢେଇ ଚାଷ ଉପରେ ଚାଷୀ ମାନଙ୍କୁ ଯଦି ଉଚିତ୍ ମାର୍ଗ ଦର୍ଶନ କରାଇ, ଉଚିତ୍ ପ୍ରଶିକ୍ଷଣ ଦିଆଯାଆନ୍ତା ତେବେ ଆମ ଚାଷୀ ମାନେ ମଧ୍ୟ ଏସବୁ ସହିତ ଆଳୁ ଓ ପିଆଜ ବି ଅଧିକ ଅମଳ କରି ଅନ୍ୟ ରାଜ୍ୟକୁ ରପ୍ତାନି କରି ନିଜେ ଭଲ ରୋଜଗାର କରି ପାରନ୍ତେ । ଏଥି ପାଇଁ ସରକାରୀ ସ୍ତରରେ ସୌର ଶକ୍ତି ବଳରେ ଶୀତଳ ଭଣ୍ଡାରର ଆବଶ୍ୟକତାକୁ ମଧ୍ୟ ଅଣଦେଖା କରାଯାଇ ପାରିବ ନାହିଁ। କୃଷିର ଉତ୍ପାଦନ ବୃଦ୍ଧି କରିବାକୁ ହେଲେ ଚାଷୀଙ୍କୁ ଉନ୍ନତ ମାନର ବିହନ, ସୁଲଭ ମୂଲ୍ୟରେ ସାର, ଔଷଧ, ପ୍ରଚୁର ପରିମାଣରେ ଜଳ ସେଚନର ସୁବିଧା, ଉତ୍ପାଦରେ ବିକ୍ରୟ ଓ ଶୀତଳ ଭଣ୍ଡାର ଉପରେ ଗୁରୁତ୍ୱ ନିହାତି ଜରୁରୀ ଅଟେ।

# ତୀର୍ଥର ନାମ ବଦରିକା



ଡ ସୀତାକାନ୍ତ ତ୍ରିପାଠୀ
ଅର୍ଣ୍ଣପାଳ, ଭଦ୍ରକ
ମୋ- ୯୭୭୮୭୬୪୩୯୪

ଦ୍ୱାରିକାଧିଶ ଶ୍ରୀକୃଷ୍ଣ ନିଜର ଶରୀର ତ୍ୟାଗର ସମୟ ଉପଗତ ଜାଣିପାରି ନିଜର ପ୍ରିୟ ଭକ୍ତ ଉଦ୍ଧବକୁ ଦ୍ୱାରିକା ଛାଡ଼ି ବଦ୍ରିକା ଚାଲିଯିବା ପାଇଁ ବାରମ୍ବାର ପ୍ରବର୍ତ୍ତାଇଛନ୍ତି। କାରଣ ବଦ୍ରିଧାମକୁ ଉତ୍ତର ଜୀବନର ସର୍ବୋତ୍କୃଷ୍ଟ ତୀର୍ଥ ବୋଲି ବିବେଚନା କରାଯାଏ। ଅନେକ ଏହାକୁ ମର୍ତ୍ତ୍ୟ ଲୋକରୁ ସ୍ୱର୍ଗ ଲୋକକୁ ଗମନ କରିବା ପାଇଁ ପ୍ରକୃଷ୍ଟ ପରିବେଶ ଏବଂ ଉପାସନାସ୍ଥଳୀ ଭାବେ ବିବେଚନା କରିଥାଆନ୍ତି । ତେବେ ଏହା ଉଦ୍ଧବଙ୍କ ଭଳି ଆଧ୍ୟାତ୍ମବାଦୀ ଭକ୍ତଙ୍କ ପାଇଁ ତୁଚ୍ଛ ଥିଲା । କାରଣ, ସିଏ ନିଜର ଗୁରୁ ତଥା ସର୍ବୋତ୍କୃଷ୍ଟ ବନ୍ଧୁଙ୍କୁ ଛାଡ଼ି ଆଉ କେଉଁଠିକୁ ଯିବା ପାଇଁ ଚାହିଁ ନଥିଲେ । ତାଙ୍କ ପାଇଁ 'ଗୁରୁ ପାଦ ହିଁ କେବଳମ୍'ର ତତ୍ତ୍ୱ ପ୍ରଜୁଯ୍ୟ ଥିଲା । ଏହାକୁ ବର୍ଣ୍ଣନା କରିବାକୁ ଯାଇ ଜଗନ୍ନାଥ ଦାସ ଭାଗବତରେ ଲେଖିଛନ୍ତି 'ତୀର୍ଥର ନାମ ବଦରିକା, ସେ କି ତୋ ପାଦଠୁଁ ଅଧିକା' । ଭକ୍ତଙ୍କ ପାଇଁ ଗୁରୁଙ୍କ ପାଦ ସେବା ତଥା ସାନିଧ ସବୁଠୁ ଗୁରୁତ୍ୱପୂର୍ଣ୍ଣ । ତାଛଡ଼ା କୌଣସି ଏକ ନୂତନ ଆଶା, ପ୍ରାପ୍ତି ଏବଂ ଅନୁଭବ ପାଇଁ ଗୁରୁଙ୍କୁ ସମ୍ପୂର୍ଣ୍ଣ ପରିତ୍ୟାଗ କରିବା ସନ୍ଥମାନଙ୍କ ଜୀବନର ପରିପନ୍ଥୀ ।

ଶ୍ରୀକୃଷ୍ଣ ଉଦ୍ଧବଙ୍କର ବିରହ ଦୁଃଖକୁ ଅନୁମେୟ କରି ନିଜର ଜୀବନ ଥାଉଥାଉ ତାଙ୍କୁ ନିଜ ପାଖରୁ ଦୂରେଇ ଦେବା ତାଙ୍କ ମହନୀୟତାର ପରିଚୟ ଦେଇଥାଏ । ଅନ୍ୟ ପକ୍ଷରେ ଶରୀର ତ୍ୟାଗ ସମୟରେ ସମସ୍ତ ମାୟା, ମୋହ, ସମ୍ପର୍କରୁ ମୁକ୍ତ ହେଲେ ଯାଇ ନିର୍ବାଣର ମାର୍ଗ ଉନ୍ମୁକ୍ତ ହୋଇଥାଏ ବୋଲି ଆଧ୍ୟାତ୍ମବାଦୀ ମାନଙ୍କର ମତ । ଏଠାରେ ଶିଷ୍ୟଙ୍କର କେନ୍ଦ୍ରୀଭୂତ ଭକ୍ତି ଏବଂ ଗୁରୁଙ୍କର ଶିଷ୍ୟର ଉତ୍ତୋରତ୍ତର ଉନ୍ନତି ତଥା ତାଙ୍କୁ ମୋକ୍ଷ ପ୍ରାପ୍ତିର ବାଟ ବତାଇଦେବା ଗୁରୁ-ଶିଷ୍ୟ ପରମ୍ପରାର ଏକ ଅନନ୍ୟ ଉଦାହରଣ ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଅସହିଷ୍ଣୁତା ତଥା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ବାତାବରଣରେ କେହି କାହାର ଉପସ୍ଥିତି ତଥା ଉନ୍ନତିକୁ ସହ୍ୟ କରିବା କଷ୍ଟକର । କେତେବେଳେ ଗୁରୁ ଶିଷ୍ୟର ଉନ୍ନତିକୁ ଅବଲୋକନ କରି ଈର୍ଷାନ୍ୱିତ ହୋଇ ପଡୁଥିବାବେଳେ ଆଉ କେଉଁଠି ଶିଷ୍ୟ ଉନ୍ନତି ପଥର ପଥିକ ହେବା ପାଇଁ ନିଜ ଗୁରୁଙ୍କର ଗଳା କାଟିବା ପାଇଁ ପଛଘୁଞ୍ଚା ଦେଉନାହିଁ । ଏଠାରେ ଗୁରୁ-ଶିଷ୍ୟ ପରମ୍ପରାକୁ ଆଧାତ୍ମିକତା ମଧ୍ୟରେ ସିମୀତ ରଖିଲେ ଭୁଲ ହେବ ବରଂ ଏହା ଅର୍ଥନୀତି, ରାଜନୀତି, କୂଟନୀତି ସର୍ବୋପରି ଆନୁଷ୍ଠାନିକ ଶିକ୍ଷା ଆଦି କ୍ଷେତ୍ରକୁ ବୁଝାଇଥାଏ । ପ୍ରତିଟି କ୍ଷେତ୍ରରେ ଶିଷ୍ୟ ମାନଙ୍କର ଗୁରୁଙ୍କ ପ୍ରତି ଉତ୍ସର୍ଗୀକୃତ ମନୋଭାବ ରହିବା ସହିତ ଗୁରୁମାନେ ମଧ୍ୟ ଶିଷ୍ୟ ମାନଙ୍କ ପ୍ରତି ଅନାବିଳ ସ୍ନେହ, ଶ୍ରଦ୍ଧା ଦେଇ ସେମାନଙ୍କର ଉନ୍ନତି କଳ୍ପେ ନିଜର ଯଥାସାଧ୍ୟ ପ୍ରୟାସ କରିବା ଆବଶ୍ୟକ । ଶେଷରେ ଏତିକି କୁହାଯାଇପାରେ ଯଦି ଲକ୍ଷ୍ୟ ସ୍ଥିର,ଶିଷ୍ୟ ସ୍ଥିର ଏବଂ ଗୁରୁ ସ୍ଥିର ତାହେଲେ ସଫଳତା ମଧ୍ୟ ନିଶ୍ଚିତ । ଯାହାକୁ ନେଇ ଉଭୟ ଗୁରୁ ଓ ଶିଷ୍ୟ ଖୁସି ଏବଂ ଗର୍ବ ଅନୁଭବ କରୁଥିବାବେଳେ ସଂସାର ପାଇଁ ଉଦାହରଣୀୟ ହୋଇ ଥାଆନ୍ତି ।

# ରାଜନୀତି ମୂଳ ଚାବିକାଠି



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

କୌଣସି ଆନ୍ଦୋଳନ ରାଜନୈତିକ ରୂପ ନନେଲା ପର୍ଯ୍ୟନ୍ତ ତାହା ସଫଳତା ଲାଭ କରିପାରେ ନାହିଁ। ବିଶ୍ୱରେ ଯେତେ ସଫଳ ବିପ୍ଳବ ଅନୁଷ୍ଠିତ ହୋଇଯାଇଛି ତାହା ପଛରେ ରହିଛି ରାଜନୈତିକ ସଦିଚ୍ଛାର ବିସ୍ତାର। ବିପ୍ଳବୀମାନେ ଏହାର ବିସ୍ତାର ମାଧ୍ୟମରେ ନିଜେ ରାଜନୈତିକ କ୍ଷମତାକୁ ଅକ୍ତିୟାର କରନ୍ତି ଅଥବା ରାଜନୈତିକ ଚାପସୃଷ୍ଟି ମାଧ୍ୟମରେ ଶାସକ ବର୍ଗକୁ ନିଜ କଥା ମାନିବାକୁ ବାଧ କରନ୍ତି। ତେବେ ସଂଖ୍ୟାଧିକ କ୍ଷେତ୍ରରେ ଦେଖାଯାଇଛି ଆନ୍ଦୋଳନକାରୀମାନେ ନିଜେ ଶାସନ କ୍ଷମତାକୁ ଅଧିକାର କରିବା ପାଇଁ ପ୍ରୟାସ କରିଛନ୍ତି। ଶାସନ କ୍ଷମତା ହାତମୁଠାକୁ ନେବାପରେ ତାଙ୍କୁ ନିଜ ସପକ୍ଷରେ ନିୟମ ତିଆରି କରିବାକୁ ସହଜ ହୋଇଛି। କାରଣ ଏପରିବି ଦେଖାଯାଇଛି ଆନ୍ଦୋଳନର ଚାପରେ ଗୋଟିଏ ସରକାର ଯାହା ମାନିବାକୁ ହଁ ଭରିଥାଏ ତାହାକୁ ପରେ ନମାନିବାର ଦୃଷ୍ଟିଭଙ୍ଗି ଆପଣେଇ ଥାଏ। ଏପରି ଦୃଷ୍ଟାନ୍ତ ଅନେକ ରହିଛି।

ଏହି ପ୍ରସଙ୍ଗରେ ଭାରତବର୍ଷର ସମ୍ବିଧାନର ପ୍ରଣେତା ଓ ସାମାଜିକ ସମତା ଆନ୍ଦୋଳନର ମଉଡ଼ମଣି ଡକ୍ଟର ବି. ଆର. ଆମ୍ବେଦକରଙ୍କ ପ୍ରସିଦ୍ଧ ଉକ୍ତି ଉଲ୍ଲେଖ ଯୋଗ୍ୟ। ସେ ନିଜ ଆନ୍ଦୋଳନର ସନ୍ଦର୍ଭରେ କହିଥିଲେ 'ରାଜନୀତି ହେଉଛି ସମସ୍ତ ତାଲାର ମୂଳ ଚାବିକାଠି'। ତାଙ୍କ କହିବାର ଉଦ୍ଦେଶ୍ୟ ଥିଲା ଯେ ଦେଶରେ ବ୍ୟବସ୍ଥାର ପରିବର୍ତ୍ତନ ଆଣିବାକୁ ହେଲେ, ଅର୍ଥାତ୍ ସାମାଜିକ ଅସମ ସମାଜକୁ ବଦଳାଇ ଏକ ସମତା ଭିତ୍ତିକ ସମାଜ ପ୍ରତିଷ୍ଠା କରିବାକୁ ହେଲେ ସମତାକାମି ଆନ୍ଦୋଳନକାରୀମାନଙ୍କୁ ରାଜନୈତିକ କ୍ଷମତା ଦଖଲ କରିବାକୁ ପଡିବ। ଏହାରି ମାଧ୍ୟମରେ କଠୋର ନିୟମ ତିଆରି କରି ଏକ ଭେଦଭାବ ରହିତ ସମତା, ମମତା ଓ ପ୍ରଜ୍ଞାଶୀଳ ସମାଜର ସ୍ଥାପନ କରିହେବ। ଯେତେ ପର୍ଯ୍ୟନ୍ତ ଏମାନେ ରାଜନୈତିକ ଶକ୍ତିରେ ପରିଣତ ନହୋଇଛନ୍ତି ସେତେଦିନ ପର୍ଯ୍ୟନ୍ତ ଏମାନଙ୍କ ସଂଗ୍ରାମ ଅଧୁରା ହୋଇ ରହିବ। ତାଙ୍କ ଉଚ୍ଚାରିତ ଏ ବାଣୀ ସମସ୍ତ ଆନ୍ଦୋଳନ ପ୍ରତି ପ୍ରଯୁଜ୍ୟ। ଲକ୍ଷ୍ୟ ହାସଲ ପାଇଁ ନିଜକୁ କ୍ଷମତାର ଆସନରେ ବସିବାକୁ ପଡିବ ଅଥବା ରାଜନୈତିକ ଚାପ ମାଧ୍ୟମରେ ନିଜ କଥାକୁ ମନାଇବାକୁ ହେବ।

ତାଙ୍କ ମତରେ ରାଜନୀତି କେବଳ ଦେଶ ଶାସନର ବ୍ୟବସ୍ଥା ନୁହେଁ। ଏହା ସମାଜକୁ ଓ ସାମାଜିକ ମାନସିକତାକୁ ପରିବର୍ତ୍ତନ କରିବାର ମାଧ୍ୟମ ମଧ୍ୟ। ସମାଜର ଦୋଷ ଦୁର୍ବଳତାକୁ ହଟାଇ ସାମାଜିକ ଜୀବନକୁ ସରସସୁନ୍ଦର ଓ ନ୍ୟାୟପୂର୍ଣ୍ଣ ସହାବସ୍ଥାନକୁ ସୁନିଶ୍ଚିତ କରିଥାଏ। ବଞ୍ଚିତ ଓ ଶୋଷିତ ବର୍ଗକୁ ସୁରକ୍ଷା ପ୍ରଦାନ କରେ। ସମାଜର ଅନଗ୍ରସର ବର୍ଗକୁ ଅଗ୍ରସର ବର୍ଗ ସହିତ ସମକକ୍ଷ କରିବାକୁ ଯୋଜନା ପ୍ରସ୍ତୁତ କରେ। ଆଧୁନିକତାର ସହିତ ତାଳ ଦେଇ ବିଜ୍ଞାନର ଅନୁସରଣରେ ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ହଟାଇବାକୁ ଚେଷ୍ଟା କରେ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମସ୍ତଙ୍କୁ ସମାନଭାବେ ଶାସନରେ ଭାଗୀଦାରୀ କରାଏ। ସମସ୍ତଙ୍କୁ ସମାନ ସମ୍ମାନର ଅଧିକାରୀ କରାଏ। ତେଣୁ ରାଜନୀତି ହେଉଛି ଏପରି ଚାବିକାଠି ଯାହା ମାଧ୍ୟମରେ ସାମାଜିକ ବ୍ୟବସ୍ଥାରେ ଲାଗିଥିବା ଏପରି ତାଲାଗୁଡିକୁ ଖୋଲା ଯାଇପାରେ।

ଯେକୌଣସି ପ୍ରକାରର ରାଜନୀତି ସମସ୍ତ ପ୍ରକାରର କୁବନ୍ଧନକୁ ହଟାଇ ପାରିବ ନାହିଁ। ଅର୍ଥାତ୍ ଯେକୌଣସି ପ୍ରକାରର ରାଜନୀତି ସମସ୍ତ ତାଲାର ମୂଳ ଚାବିକାଠି ହୋଇପାରିବ ନାହିଁ। କେବଳ ପ୍ରତିକ୍ରିୟାଶୀଳ ରାଜନୀତି ମୂଳ ଚାବିକାଠି ହୋଇପାରିବ। ଏହିପ୍ରକାର ରାଜନୀତି ହିଁ ସମସ୍ତ ପ୍ରତିବନ୍ଧକକୁ ହଟାଇ ସମାଜକୁ ଆଗକୁ ନେଇପାରିବ। ଯେଉଁମାନେ ସାମାଜିକ ବିଭେଦରେ ବିଶ୍ୱାସୀ, ହିଂସା-ଦ୍ୱେଷର ବଶବର୍ତ୍ତୀ, ମଧ୍ୟଯୁଗୀୟ ଅନଗ୍ରସର ବିଚାରଧାରା ଦ୍ୱାରା ପରିଚାଳିତ, ଜାତି ଓ ଧାର୍ମିକ ଉନ୍ମାଦନା ସୃଷ୍ଟି କରି ସେଥିରୁ ଫାଇଦା ନେବାପାଇଁ ଆଗ୍ରହୀ, ସେପରି ଗୋଷ୍ଠୀ ହାତରେ ରାଜନୀତି ରୂପକ ଚାବିକାଠି ପଡିଲେ ସେମାନେ ତାଲା ଉପରେ ଆହୁରି ବଡ ତାଲା ପକାଇ ଦେବେ। ଏପ୍ରକାର ରାଜନୀତି ଦ୍ୱାରା କୌଣସି ପରିବର୍ତ୍ତନ ଆସିବ ନାହିଁ। ବରଂ ଏମାନେ ପରିବର୍ତ୍ତନର ମାର୍ଗକୁ ଆହୁରି ସଙ୍କୁଚିତ କରିଦେବେ। ତେଣୁ ବାବାସାହେବଙ୍କ ଉକ୍ତି ସେହିମାନଙ୍କ ପ୍ରତି ପ୍ରଯୁଜ୍ୟ ଯେଉଁମାନେ ପ୍ରତିକ୍ରିୟାଶୀଳ ଓ ପ୍ରଗତିଶୀଳତାର ରାଜନୀତି କରନ୍ତି। ପରିବର୍ତ୍ତନ ପାଇଁ ରାଜନୀତି କରନ୍ତି।

ବାବାସାହେବ ନିଜେ ରାଜନୀତିର ଗୁରୁତ୍ୱକୁ ବୁଝି ଏକ ରାଜନୈତିକ ଦଳ ୧୯୩୬ ମସିହାର ଗଠନ କରିଥିଲେ ଯାହା ଇଣ୍ଡିପେନଡେଣ୍ଟ ଲେବର ପାର୍ଟି ବା ସ୍ୱାଧୀନ ଶ୍ରମିକ ଦଳ ଭାବରେ ପରିଚିତ ଥିଲା। ଏହି ଦଳ ୧୯୩୭ ମସିହାର ପ୍ରୋଭିନସିଆଲ୍ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ଖୁବ୍ ଭଲ ପ୍ରଦର୍ଶନ କରିଥିଲା। ପରେ ସେ ୧୯୫୬ ମସିହାରେ ରିପବ୍ଲିକାନ ପାର୍ଟି ଅଫ ଇଣ୍ଡିଆ ଗଠନ କରିଥିଲେ। ନିଶ୍ଚିତରୂପେ ତାଙ୍କ ରାଜନୈତିକ ଦଳ ବିଶେଷ ସଫଳତା ପାଇପାରି ନଥିଲା। ସେ ନିଜେ ସାଧାରଣ ଓ ପ୍ରତ୍ୟକ୍ଷ ନିର୍ବାଚନରେ ହାରିଯାଇ ଥିଲେ। ଏହା ସତ୍ତ୍ୱେ ତାଙ୍କ ସଦିଚ୍ଛା ଓ ରାଜନୈତିକ ଦିଗଦର୍ଶନ ସ୍ୱଷ୍ଟ ଥିଲା। ରାଜନୈତିକ କ୍ଷମତା ଦଖଲ ବିନା ସାମାଜିକ ପରିବର୍ତ୍ତନ ଆନ୍ଦୋଳନ ଆଦୌ ସଫଳ ହେବ ନାହିଁ ବୋଲି ସେ ବାରମ୍ବାର ସୂଚାଇଦେଇ ଯାଇଛନ୍ତି। ଯାହା ତାଙ୍କ ଅନୁଗାମୀମାନେ ଏଯାଏଁ ବୁଝିପାରି ନାହାଁନ୍ତି। ଆଉ କେତେକେ ବୁଝି ବି ଅବୁଝା।

ଭାରତୀୟ ସମାଜରେ ଥିବା ବର୍ଣ୍ଣବାଦ୍ ଓ ଏହାକୁ ନେଇ ଗଢ଼ିଉଠିଥିବା ଜାତିବାଦକୁ ନେଇ ସେ କ୍ଷୁବ୍ଧ ଥିଲେ। ଏହା ସମାଜିକ ତାଡନା ଓ ଅସମାନତାର ମୂଳକାରଣ ବୋଲି ତାଙ୍କର ଧାରଣା ଥିଲା। ଏହା ସହିତ ସମାଜରେ ପରିବ୍ୟାପ୍ତ ଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାର ସାଙ୍ଗକୁ ଧାର୍ମିକ ମୌଳବାଦ ପାଇଁ ସେ ଚିନ୍ତିତ ଥିଲେ। ଏ ସମସ୍ତ ନାକାରାତ୍ମକ ବିଷୟଗୁଡ଼ିକୁ ହଟାଇ ଉପଯୁକ୍ତ ଯୋଜନା ମାଧ୍ୟମରେ ଏକ ସମତାଭିତ୍ତିକ ତର୍କସମ୍ମତ ସମାଜ ଗଠନର ସେ ପକ୍ଷଧର ଥିଲେ। ଏଥିପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ। ସେ ଭଲଭାବେ ଜାଣିଥିଲେ ଯେତେଯାଏଁ ତାଙ୍କ ପକ୍ଷଧର ଏକ ବିପ୍ଳବୀ ଗୋଷ୍ଠୀ ରାଜନୈତିକ କ୍ଷମତାକୁ ନିଜ ନିୟନ୍ତ୍ରଣକୁ ନନେଇଛି ସେତେଦିନ ପର୍ଯ୍ୟନ୍ତ ପରିବର୍ତ୍ତନ ଅସମ୍ଭବ। ତେଣୁ ସେ ତାଙ୍କ ସାମାଜିକ ଆନ୍ଦୋଳନକୁ ରାଜନୈତିକ ଆନ୍ଦୋଳନରେ ରୂପାନ୍ତରିତ କରିବାକୁ ଚେଷ୍ଟା କରିଥିଲେ ଓ ନିଜ ଅନୁଗାମୀଙ୍କୁ ଏଦିଗରେ ପ୍ରେରୀତ କରିଥିଲେ। ଆନ୍ଦୋଳନର ଏହାହିଁ ଅନ୍ତିମ ସୋପାନ।

ସ୍ୱାଧୀନତାର ଦୀର୍ଘବର୍ଷ ପରେବି ତାଙ୍କ ଉକ୍ତିର ଆବଶ୍ୟକତା ରହିଛି। ଦେଶରେ ନୂତନ ଢଙ୍ଗରେ ଜାତିବାଦ ଓ ଧାର୍ମିକ ମୌଳବାଦ କାୟା ବିସ୍ତାର କରୁଛି। ଅନ୍ଧବିଶ୍ୱାସ ଓ କୁସଂସ୍କାର ପୂର୍ବବତ୍ ପରିବ୍ୟାପ୍ତ ରହିଛି। ଏପରି ସ୍ଥିତିରେ ଏକ ପ୍ରତିକ୍ରିୟାଶୀଳ ଓ ପ୍ରଗତିଶୀଳ ଆନ୍ଦୋଳନର ଆବଶ୍ୟକତା ରହିଛି। ଯାହା ରାଜନୀତିକୁ ପରିବର୍ତ୍ତନର ମାଧ୍ୟମ ରୂପେ ଗ୍ରହଣ କରିବ। ପରିବର୍ତ୍ତନ ପାଇଁ କ୍ଷମତାର ଉପଯୋଗ କରିବ। ଦେଶର ରାଜନୈତିକ ବ୍ୟବସ୍ଥା ଏ ଉକ୍ତିର ଆବଶ୍ୟକତାକୁ ବୁଝନ୍ତୁ ଓ ସେହି ଦିଗରେ ନିଜକୁ ପରିଚାଳିତ କରନ୍ତୁ। ସେମାନେ ବୁଝନ୍ତୁ ରାଜନୀତି ହେଉଛି ସମସ୍ତ ପରିବର୍ତ୍ତନର ମୂଳ ଆଧାର, ଅର୍ଥାତ ସମସ୍ତ ତାଲାର ମୂଳ ଚାବିକାଠି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# କୁନି ସାଙ୍ଗ

ବସନ୍ତ ମଞ୍ଜରୀ ମିଶ୍ର



ଅଫିସରୁ ଫେରି ଚା ଖଟିରେ ଟିକେ ନ ବସିଲେ କେମିତି ଗୋଟେ ଖାଲି ଖାଲି ଲାଗେ। କାରଣ ଦିନ ସାରାର ବ୍ୟସ୍ତ ବହୁଳ ସମୟରୁ ମୁକ୍ତି ପାଇବା ପରେ ଚା ଖଟିରେ ପହଞ୍ଚିଗଲେ ସାରା ଦୁନିଆର ଲାଇଭ ଟେଲି କାଷ୍ଟ ଜାଣି ହୁଏ । ଚା ଷ୍ଟଲରେ ପହଞ୍ଚୁ ପହଞ୍ଚୁ ହଠାତ କୁଆଡୁ ଝାଲ ମୁଢି ବାସ୍ନାଟା ପଶେଇ ଆସିଲା ଯେ... ଓଃ... ଶୀତୁଆ ପାଗକୁ କଞ୍ଚା ଧନିଆ ପତ୍ରର ବାସ୍ନା...

ଏପାଖ ସେପାଖ ଚାହୁଁ ଚାହୁଁ ଦେଖିଲି ଅଳ୍ପ ଦୂରରେ ସାଇକେଲଟି ଧରି ଠିଆ ହୋଇଛି ଝାଲ ମୁଢି ବାଲା ।

ଦେଲ ଗୋଟେ ଝାଲ ମୁଢି ।

ଦଉଛି ଆଜ୍ଞା କହି ସେ ପିଆଜ କାଟୁ ଥିଲା ।

ତା ହାତରୁ ଝାଲ ମୁଢି ପାକେଟଟା ଧରି ପାଟିକୁ କଲେ ମୁଢି ନେଇଛି କି ନାହିଁ ଅଚାନକ ଆଖି ପଡିଲା କିଛି ଦୂରରେ ଗୋଟିଏ ବେଞ୍ଚ ଉପରେ ବସିଥିବା ଛୋଟ ପିଲାଟି ଉପରେ। ପୋଷାକ ପରିପାଟୀରୁ ସମ୍ଭ୍ରାନ୍ତ ପିଲା ଭଳି ଲାଗୁଥିଲା । କିନ୍ତୁ ଅଚାନକ ଏମିତି ତାକୁ ଦେଖି ମନରେ ଉତ୍କଣ୍ଠା ଆସିଲା ।

ତା ପାଖକୁ ଯାଇ କହିଲି, ହାଲୋ ଲିଟିଲ ମାଷ୍ଟର...... ଆସ ଝାଲ ମୁଢି ଖାଇବା। ଡରିଲା ଡରିଲା ଆଖିରେ ଚାହିଁ ଟିକେ ଘୁଞ୍ଚି ଗଲା ସେ । ମୁଁ ବି ତା ଆଡକୁ ଟିକେ ଘୁଞ୍ଚି ଯାଇ କହିଲି, ହାଲୋ ମାଇଁ ବଏ ।

ପୁଣି ଘୁଞ୍ଚି ଗଲା ସେ ବେଞ୍ଚର ସେପଟ ମୁଣ୍ଡକୁ । ଏଥର ମୁଁ ତା ପାଖରେ ବସି ପଡି କହିଲି- ତୁମେ ଏକୁଟିଆ ମୁଁ ବି ଏକୁଟିଆ ।

ଚାଲ ସାଙ୍ଗ ହୋଇଯିବା, ଏତେ ଡ଼ରୁଛ କଣ ?

ଏଥର ଟିକେ ହସି ସେ କହିଲା

ଆପଣ ତ ଅଙ୍କଲ...ଆଉ ମୁଁ ତ ଛୋଟ ପିଲା... ଆମେ ସାଙ୍ଗ କେମିତି ହେବା । ସାଙ୍ଗ ତିଆରି କରିବାରେ ବଡ଼ ସାନ ଦେଖା ଯାଏନି, ପସନ୍ଦ ଦେଖାଯାଏ । ଆଉ ମୋର ତୁମେ ବହୁତ ପସନ୍ଦ ।

ଏଥର ସେ ଖାଉଥିବା ବିସ୍କିଟ ଖୋଳଟା ପକେଇବାକୁ ଉଠି ଗଲା ଦୂରରେ ଥିବା ନୀଳ ରଙ୍ଗ ର ଡଷ୍ଟବିନ ଆଡକୁ ।

ପିଲାଟିର ଶୃଙ୍ଖଳିତ ଆଚରଣ ଦେଖି ବହୁତ ଉତଫୁଲ୍ଲିତ ହେଲି ମୁଁ । ପଚାରିଲି- ଏତେ ବେଳ ହେଲାଣି । ଘରକୁ ନ ଯାଇ ଏଠି କାହିଁକି ଏକୁଟିଆ ବସିଛ । ପାପା ମମି କିଏ କଣ କହିଲେ କି ?

କିଛି ନ କହି ମୋ ଆଡକୁ ନୀରବରେ ଚାହିଁଲା ସେ ।

ମୋତେ କୁହ... ମୁଁ ତୁମ ସମସ୍ୟା ସମାଧାନ କରିଦେବି । ତା କୋମଳ ଓଠ ଦୁଇଟିକୁ ଟିକେ ଚାପି ଛେପ ଢ଼ୋକି କହିଲା, ନା... ଆପଣ ଯଦି ମୋ ମମି ପାପାଙ୍କୁ କହିଦେବେ।

ତା ପାଖକୁ ଟିକେ ଘୁଞ୍ଚଯାଇ କହିଲି, ସତ କହୁଛି କାହାକୁ କିଛି କହିବିନି । ମୋତେ ଆଗେ କୁହ ତୁମେ ସବୁଦିନେ ଠିକ ଏଇ ସମୟରେ ଏଠି କାହିଁକି ବସୁଛ ।

ଆମେ ଆଜିଠୁ ବେଷ୍ଟ ଫ୍ରେଣ୍ଡ ।

ଏଥର ସେ ଟିକେ ଖୁସି ହୋଇ ମୋ କାନକୁ ତା ମୁହଁ ପାଖକୁ ନେବାକୁ ଇସାରା କରି ସେ କହିଲା, ପ୍ରକୃତରେ ମୋର ଏବେ ଟିଉସନ ଥିଲା । କିନ୍ତୁ ମୋତେ ସେ ସାର ଆଦୌ ଭଲ ଲାଗନ୍ତିନି ବୋଲି ମୁଁ ଏଇଠି ବସିଛି । ଘରକୁ ଗଲେ ମମି ଗାଳି କରିବେ। ତେଣୁ ଟିଉସନ ସମୟ ସରିଲେ ମୁଁ ଘରକୁ ଫେରିଯିବି । ଏଥର ତା ବିଶ୍ୱାସ ଜନ୍ମେଇବାକୁ ଯାଇ ମୁଁ କହିଲି, ମୁଁ ବି ପିଲାଦିନେ ସେମିତି କରୁଥିଲି । ମୋତେ ବି ମୋ ସାରଙ୍କୁ ଭଲ ଲାଗୁ ନ ଥିଲା ।

ଟିକେ ହସି ବିସ୍ଫାରିତ ଆଖିରେ ସେ ମୋ ଆଡକୁ ଚାହିଁଲା।

ଆପଣଙ୍କ ମମି କଣ ଜାଣି ପାରନ୍ତିନି !

ନା...

କିନ୍ତୁ... ଯେତେବେଳେ ପରୀକ୍ଷା ହେଲା ଆଉ ସବୁ ସାଙ୍ଗମାନେ ଲେଖିଲା ବେଳକୁ ମୋତେ କିଛି ଆସିଲାନି.... ମୋତେ ଭାରି ଲାଜ ମାଡିଲା ।

ପ୍ରବଳ ଆଗ୍ରହରେ ସେ ହସି ହସି ପୁଣି କହିଲା, ତାହାଲେ ତ ଆପଣ ଇ ଗ୍ରେଡ଼ ପାଇଥିବେ। ସେଠୁ କଣ ହେଲା ଅଙ୍କଲ ।

ଯେଉଁ ଦିନ ପରୀକ୍ଷା ଫଳ ବାହାରିଲା ସମସ୍ତଙ୍କ ମମି ପାପା ମୋ ମମି ପାପାଙ୍କୁ ମୋ ପରୀକ୍ଷା ଫଳ କଥା ପଚାରିଲେ ମୋ ମମି ଭଲ ହୋଇନି କହି ମୋତେ ଧରି ଚାଲି ଆସିଲା ।

ହଁ ଅଙ୍କଲ ମୋ ଫଳ ବାହାରିବା ଦିନ ବି ସେଇଆ ହୁଏ ।

ମୁଁ ତା ମନର ଭାଷାକୁ ପଢିନେଇ ପୁଣି ପଚାରିଲି- ଆଚ୍ଛା । ତୁମ ମମି କଣ ତୁମକୁ ସେଥିପାଇଁ ରାଗନ୍ତି ?

ଏଥର ସେ ମୁଣ୍ଡ ହଲେଇ କହିଲା,

ନା.... ଆରଥରକୁ ଚେଷ୍ଟା କରିବୁ ବୋଲି କୁହନ୍ତି ।

ଆଚ୍ଛା କହିଲ, ତୁମ ଜାମା ପେଣ୍ଟ କିଏ ସଫା କରନ୍ତି ?

ମମି ।

ତୁମ ପାଇଁ ସୁଆଦିଆ ଖାନା କିଏ ବନାନ୍ତି ?

ମମି ।

ତୁମ ଦେହ ଟିକେ ଖରାପ ହେଲେ ତୁମକୁ କୋଳରେ ଧରି କିଏ ତୁମର ଯତ୍ନ ନିଅନ୍ତି ?

ମମି ।

ତୁମେ କାହାକୁ ବହୁତ ଭଲ ପାଅ ?

ମମି ।

କିଏ ତୁମକୁ ସବୁଠୁ ଅଧିକ ଭଲ ପାନ୍ତି ?

ମମି ।

ଏଥର ତାକୁ ମୋ କୋଳରେ ବସାଇ ମୁଁ କହିଲି,

-ତେବେ ସେଇ ମମିଙ୍କୁ ମିଛ କହି ଟିଉସନ ନ ଯାଇ ଏଠି ବସିବା କଣ ଠିକ ? ତୁମେ ପାଠ ନ ପଢିଲେ ବେଶୀ ଦୁଃଖ କାହାକୁ ଲାଗିବ ? ମମି । ଯଦି ମମି ତୁମର ସବୁ କଥା ଶୁଣୁଛନ୍ତି, ତୁମର ସବୁ ଦାବୀ ପୂରଣ କରୁଛନ୍ତି ତେବେ ତୁମର କଣ ମମିଙ୍କ ପାଇଁ ଏତିକି ଟିକେ ବି ଭଲ ପାଇବା ନାହିଁ । ମମି ପାପାଙ୍କୁ ଆଦୌ ମିଛ କହିବନି । ସେମାନେ ଆମର ସବୁଠୁ ପ୍ରିୟ । ହଁ କି ନା... କୁହ ! ମୋତେ କଥା ଦିଅ ଏଥର ସବୁ ଦିନେ ଟିଉସନ ଯିବ ଆଉ ମମିଙ୍କ ସବୁ କଥା ମାନିବ। ଯଦି ତୁମକୁ ସାର ଭଲ ଲାଗୁ ନାହାନ୍ତି ମମିଙ୍କୁ ଖୋଲି କହିଦିଅ । ମନେରଖ ପାପା ମମିଙ୍କ ଭଳି ବଡ ଶୁଭ ଚିନ୍ତକଙ୍କ ପାଇଁ ଆମକୁ ଜୀବନରେ ଅନେକ ପୁଣ୍ୟ ଫଳରେ ମିଳିଥାଏ ।

ମୋ ସବୁ କଥା ତା ମନକୁ ପାଇଲା କି କଣ ହଠାତ ମୋ ମୁହଁକୁ ଚାହିଁ ହସି ହସି କହିଲା, ଠିକ ଅଛି ଅଙ୍କଲ ଆଜି ଘରକୁ ଫେରି ସବୁ କଥା ଆଗେ ମମିଙ୍କୁ କହିବି। କିନ୍ତୁ ଆପଣ ମୋତେ କଥା ଦିଅନ୍ତୁ, ଆପଣ ସବୁଦିନେ ଏଠିକି ଆସିବେ ଆଉ ମୋ ସହ କଥା ହେବେ । ମୋ ଘର ଏଇ ପାଖରେ କ୍ୱାଟର ନମ୍ବର ସି/୪

ତା ସହ ହ୍ୟାଣ୍ଡସେକ୍ କରୁ କରୁ ମୁଁ କହୁଥିଲି, ସିଓର ... ତୁମେ ଆଜିଠୁ ମୋର କୁନି ସାଙ୍ଗ ।

ଅଧ୍ୟାପିକା, ତାଳଚେର ଥର୍ମାଲ

# ମଣିଷ ଦେବତା



ସତ୍ୟନାରାୟଣ ପ୍ରଧାନ




ସେଦିନ ଝିଅଟିର ଘରକୁ ଯିବା ଲାଗି ଏକମାତ୍ର ଜଙ୍ଗଲିଆ ରାସ୍ତା ଉପଲବ୍ଧ ଥିବାରୁ ଅଫିସ୍ କାର୍ଯ୍ୟ ସାରି ରାତିରେ ବିଳମ୍ବ ହେଉ ପଛେ ଫେରୁଥିବା ସମୟରେ ଅଚାନକ ଚଲାଉ ଥିବା ସ୍କୁଟି ଖରାପ ହୋଇ ଯାଇଥିଲା । ଜଙ୍ଗଲିଆ ଜାଗା ହୋଇ ଥିବାରୁ ମୋବାଇଲର ଟାୱାର ଖୁଣ୍ଟି ପ୍ରଥମରୁ କୁଆଡେ ଉଭାନ ହୋଇ ଯାଇଥିଲା । ଲୋକମାନଙ୍କର ଯିବା ଆସିବା ଆଗ ପରି ବନ୍ଦ ହୋଇ ଯାଇଥିଲା । ପଛକୁ ଫେରିବାର କୌଣସି ସୁବିଧା ନଥିବାରୁ ମନରେ କେତେ ଭାବନା ପବନ ସୁଅରେ ତା ପାଖକୁ କ୍ଷଣିକ ମଧ୍ୟରେ ଧାଇଁ ଆସୁଥିଲା ।

ଜୀବନ ବିକଳରେ ଆଗକୁ ବଢ଼ିବାରେ ଲାଗିପଡ଼ି ଆଖ ପାଖ ଅଞ୍ଚଳ ଖୋଜିବା ପାଇଁ ତା ଆଖି ଯୋଡ଼ାକ ଲାଗି ଯାଇଥିଲେ । କିଛି ବାଟ ଆଗକୁ ଆସିବା ପରେ କେଉଁଠି ଥିଲା କେଜାଣି ଆକାଶରେ କଳା ହାଣ୍ଡିଆ ମେଘ ଅନ୍ଧାର କରି ଘୋଟି ଯାଇଥିଲା । ଗାଡି ଖରାପ ହେବା ସାଙ୍ଗକୁ ସତେ ଯେପରି ପ୍ରକୃତି ତା ସହିତ କେଉଁ କାରଣ ପାଇଁ ପ୍ରତିଶୋଧ ପରାୟଣ ହୋଇ ଉଠିଛି ତାର କାରଣ ବୁଝିବାକୁ ଟିକିଏ ଧୈର୍ଯ୍ୟ ସିଏ ବା କିପରି ଯୋଗାଡ କରି ପାରିବ ।

ରାସ୍ତାରେ ଯାଉଥିବା ସମୟରେ ତା ଆଖି ଆଗରେ ଗୋଟେ ନୁଆଁଣିଆ ଚାଳ ଛପର ଘର ଉପରେ ନଜର ପଡିଲା । ଭାସି ଯାଉଥିବା ଲୋକର କୁଟା ଖିଅ ଆଶ୍ରା କଲା ପରି ସେ ଘର ନିକଟରେ ପହଞ୍ଚି କବାଟ ଠକ୍ ଠକ୍ ଶବ୍ଦରେ କେହି ଯେତେ ଶୀଘ୍ର ସମ୍ଭବ ଖୋଲନ୍ତୁ ମନରେ ବ୍ୟାକୁଳ ହୋଇ ଉଠୁଥିଲା । ତତକ୍ଷଣାତ୍ ଯୁବକ ଜଣଙ୍କ କବାଟ ଖୋଲି ଚାହିଁ ରହିଥିଲା । ଏତେ ରାତିରେ ପୁଣି ଗୋଟେ ଯୁବକ ଘର ଭିତରକୁ ପ୍ରବେଶ କରିବା ପାଇଁ ସେ ନିଜକୁ ଅସଜ୍ଞତ ମନେକରି ଚୁପ୍ ହୋଇ ଠିଆ ହୋଇଥିଲା । ମାନବିକତା ଦୃଷ୍ଟିରୁ ଘର ଭିତରକୁ ନିଜ ଆଡୁ ଆସିବା ଲାଗି ହସି ଦେଇ କହିବାକୁ ଯୁବକ ଜଣକ ମୋଟେ ପଛାଇ ନ ଥିଲା ।

ମନର ଭୟକୁ ଛାତି ତଳେ ଜାବୁଡ଼ି ଧରି ଘର ଭିତରକୁ ପ୍ରବେଶ କଲା ପରେ ସ୍ୱାଭାବିକ ହେବାକୁ ଚେଷ୍ଟା କରୁଥିଲା । ଯୁବକ ଜଣକ ନିଜ ପରିଚୟ ପ୍ରଦାନ କରି କିଛି ବ୍ୟସ୍ତ ହେବା ଦରକାର ନାହିଁ ଜଣାଇ ବସିବାକୁ କହିଥିଲା । ଘର କହିଲେ ଗୋଟେ ଭଙ୍ଗା ଖଟ ସାଙ୍ଗକୁ ତେଲ ଲୁଣ କଂସା ବାସନ କିରୋସିନ କଣ୍ଟା ଉପରେ କାଠ ପଟା ରଖି ଥୁଆ ଯାଇଥିଲା । ଦୁହିଁଙ୍କ ଭିତରେ ଥିବା ଅନ୍ଧାରକୁ ଦୂର କରି ବିଜୁଳି ବଲ୍‌ଟା ଆଲୋକ ପ୍ରଦାନ କରୁଥିଲା । ଯୁବକ ଜଣଙ୍କ ବସିବାକୁ କହି ରାତ୍ରି ଭୋଜନ ଲାଗି ରୋଷେଇ କାର୍ଯ୍ୟରେ ଲାଗି ପଡ଼ିଥିଲା । ଗୋଟେ ନାରୀ ହିସାବରେ ସାହାଯ୍ୟ କରିବାକୁ ଆଗେଇ ଆସିବାରୁ ଯୁବକ ଜଣଙ୍କ ମନା କରି ବିଶ୍ରାମ ନେବାକୁ ରାଣ ପକାଇ ଦେଇଥିଲା । ଯୁବତୀ ଜଣଙ୍କ ମଧ୍ୟ ନିଜ ଅସୁବିଧା ବିଷୟରେ ଗୋଟି ଗୋଟି କରି ଖୋଲି କହିଥିଲା ।

ରାତିରେ ଖିଆ ପିଆ ସରିବା ପରେ ଭଙ୍ଗା ଖଟରେ ହେଉ ପଛେ ଆସିଥିବା ଅତିଥିଙ୍କୁ ଶୋଇବାକୁ ଦେଇ ନିଜେ ତଳେ ବିଶ୍ରାମ ନେବାକୁ ଉଚିତ୍ ମନେ କରିଥିଲା ଯୁବକଟି। ରାତିରେ ପଶୁପକ୍ଷୀମାନଙ୍କର ଶବ୍ଦ ଆଗରୁ କେବେ ଶୁଣି ନ ଥିବାରୁ ଝିଅଟିର ଶୋଇବାରେ ବ୍ୟାଘାତ ସୃଷ୍ଟି ହେଉଛି ବୋଲି ଯୁବକ ଜଣକ ଅନୁମାନ କରିଥିଲା । ସେଥିଲାଗି ଶୋଇବା ପାଇଁ କମ୍ବଳଟିଏ ଘୋଡାଇ ଦେଇଥିଲା । ଯୁବତୀ ଜଣଙ୍କ ଆଖିରେ ନିଦ ଆସୁ ନ ଥିବାରୁ ଖାଲି ତାର ମୁହଁକୁ ବାରମ୍ବାର ଚାହିଁ ରହିବାକୁ ବାଛି ନେଇଥିଲା । ଲାଇନ କଟି ଯିବାରୁ କିଛି ସମୟ ପରେ ଚାରିଆଡ ଅନ୍ଧାର ହୋଇ ଯାଇଥିଲା । ପୁଣି ତା ମନରେ ସମାଜରେ ପୁରୁଷ ମାନେ ନାରୀଙ୍କୁ ଏକା ଦେଖି ସରଳତାର ସୁଯୋଗ ନେଇ କିଛି ଅଘଟଣ ଘଟାଇବା ଆଶଙ୍କା କରି କେତେ କଥା ଭାବି ନେଇଥିଲା । ସେ ଯାହା ଚିନ୍ତା କରିଥିଲା ସେପରି କିଛି ଘଟି ନ ଥିଲା । ପୂର୍ବ ଭଳି ଆଲୋକ ଆସି ପରିବେଶକୁ ସ୍ୱାଭାବିକ କରି ଦେଇଥିଲା । ଝିଅଟି ମନରୁ ହସି ଦୃଷ୍ଟି ଆକର୍ଷଣ କେବଳ ଯୁବକ ଉପରେ ନିକ୍ଷେପ କରିଥିଲା । ବଢିଲା ବୟସରେ ଇନ୍ଦ୍ରଧନୁର ରଙ୍ଗ ଦେହରେ ବୋଳି ହେବାରୁ ଭଲ ପାଇବା ବିଷୟରେ ଭାବିବା ଭିତରେ ଆଖିକୁ ତାର ନିଦ ହୋଇ ଯାଇଥିଲା । ରାତି ପାହି ସକାଳ ହେବାରୁ ପକ୍ଷୀ ମାନଙ୍କର କାକଳି ମୁଖରିତ ହେବା ଶୁଣି ଝିଅଟିର ନିଦ ଭାଙ୍ଗି ଯାଇଥିଲା । ସେ ସମୟରେ ଯୁବକର କୌଣସି ଦେଖା ଦର୍ଶନ ନ ଥିଲା । ସେଠାରେ ନ ଥିବା ଦେଖି ମନ ତାର ବିଷାଦରେ ଭରି ଯାଇ ଖାଲି ଆସିବାକୁ ଅପେକ୍ଷା କରିଥିଲା । ଯୁବକର କହିବା ଅନୁଯାୟୀ ପାଖ ଦୋକାନରୁ ଗାଡି ମରାମତି କରିଥିବା ମିସ୍ତ୍ରୀ ସଜାଡି ଦେଇ ଚାଲି ଯାଇଥିଲା । ସେ ବାଟ ଘାଟ ପରିବେଶରେ ଯିବା ଆସିବା କରୁଥିବା ଲୋକ କେହି କିଛି କହିବା ଆଗରୁ ଝିଅଟି ସେଠାରୁ ଚାଲି ଯିବାକୁ ନିଷ୍ପତ୍ତି ନେଇ ତରବର ହୋଇ ବାହାରି ଯାଉଥିବା ବେଳେ ଯୁବକ ହାତକୁ ଶହେ ଟଙ୍କା ବଢାଇ ଦେଇଥିଲା।

ସେ ନେବାକୁ ପାପ ବୋଲି ମନେ କରି ଯଦି କିଛି ରହିବାରେ ଅସୁବିଧା ହୋଇଥାଏ କ୍ଷମା କରିଦେବ ମୁଣ୍ଡ ତଳକୁ କରି କହିଥିଲା । ତାଙ୍କର ସେ ପଦେ କଥାରେ ମଣିଷ ରୂପରେ ଠିଆ ହୋଇଥିବା ଯୁବକକୁ ଦେବତା ଭାବି ପାଦ ଧୂଳି ନେବାକୁ ପ୍ରସ୍ତୁତ ହେଉଥିଲା ବେଳେ ସେଥିରୁ ନିବୃତ୍ତ କରାଇ ସେ ମଜାରେ ପାଗେଳି ବୋଲି କହି ହସି ବିଦାୟ ଦେବା ସହ ଘର କବାଟ ବନ୍ଦ କରି ଜଙ୍ଗଲ ଆଡ଼କୁ କାନ୍ଧରେ ଟାଙ୍ଗିଆ ପକାଇ ବାହାରି ଯାଇଥିଲା ।

ଅଣ୍ଟିଆ, ଜେନାପୁର, ଯାଜପୁର
ପିନ୍ - ୭୫୫୦୨୩
ମୋ ୯୧୭୮୩୧୩୬୪୪

# ସତ୍ୟର ଅନ୍ୱେଷଣରେ...



ପ୍ରଭାତ କୁମାର ମହାପାତ୍ର,

ଦିନେ ସକାଳେ ସନ୍ଥ ଅଗଷ୍ଟିନସ୍ ସାଗର କୂଳ ନିକଟକୁ ଏକୁଟିଆ ପ୍ରାତଃ ଭ୍ରମଣ କରିବା ଉଦ୍ଦେଶ୍ୟରେ ବାହାରିଲେ। ସେ ସମୟ ସୂର୍ଯ୍ୟୋଦୟର ବେଳା ଥିଲା। ଅନେକ ରାତି ଅନିଦ୍ରା ହୋଇଥବା ହେତୁ ତାଙ୍କ ଆଖି ଥକିଗଲା ଭଳି ସ୍ପଷ୍ଟ ବାରି ହୋଇ ପଡୁଥିଲା। ସତ୍ୟର ଅନ୍ୱେଷଣରେ ସେ ନିଜର ସମସ୍ତ ସୁଖକୁ ଜଳାଞ୍ଜଳି ଦେଇ ସାରିଥିଲେ। ପରମାତ୍ମାଙ୍କୁ ପାଇବା ଆଶାରେ କେତେବେଳେ ଦିନ ଆସି ରାତି ଆସୁଥିଲା ସେ ଜାଣି ପାରୁ ନ ଥିଲେ। ଶାସ୍ତ୍ର ଓ ଶାସ୍ତ୍ର, ଶବ୍ଦ ଓ ଶବ୍ଦ, ବିଚାର ଓ ବିଚାର ଏହି ସବୁ ବୋଝ ତଳେ ହିଁ ସେ ଦବି ଯାଉଥିଲେ। କିନ୍ତୁ ସେହି ଦିନ ସକାଳ ସାଗର ତଟ କୂଳ ବୁଲିବାକୁ ଆସିବା ତାଙ୍କ ପାଇଁ ଖୁବ୍ ସୌଭାଗ୍ୟ ପୂର୍ଣ୍ଣ ସିଦ୍ଧ ହେଲା। ସେ ଯେତେବେଳେ ଘରୁ ବାହାରିଥିଲେ ସେତେବେଳେ ଗୁଡ଼ାଏ ବିଚାରର ବୋଝ ତଳେ ଦବି ହୋଇ ବାହାରିଥିଲେ, କିନ୍ତୁ ଫେରିବା ସମୟରେ କୌଣସି ବୋଝ ତାଙ୍କ ମୁଣ୍ଡରେ ନ ଥିଲା। ସାଗର କୂଳ ନିକଟରେ ଜଣେ ବାଳକ ଠିଆ ହେବାର ସେ ଦେଖିଲେ ଯାହାର ହାତରେ ଗୋଟିଏ ଛୋଟ ପାତ୍ର ଟିଏ ଥିଲା ଏବଂ ସେ କୌଣସି ଏକ ଚିନ୍ତାରେ ଥିବା ଭଳି ମନେ ହେଉଥିଲା। ଅଗଷ୍ଟିନସ୍ ପିଲାଟିକୁ ପ୍ରଶ୍ନ କଲେ, ପୁଅ ! ତୁମେ ଏଠାରେ କଣ କରୁଛ ଆଉ କେଉଁ ଚିନ୍ତାରେ ବୁଡି ଯାଇଛ ? ପିଲାଟି ଅଗଷ୍ଟିନସ୍‌ଙ୍କ ଆଡ଼କୁ ଭଲ ଭାବେ ନିରୀକ୍ଷଣ କରି କହିଲା, ଚିନ୍ତିତ ଆପଣ ମଧ୍ୟ ଦେଖା ଯାଉଛନ୍ତି, ତେଣୁ ପ୍ରଥମେ ନିଜର ଚିନ୍ତାର କାରଣ କଣ କୁହନ୍ତୁ। ହେଇ ପାରେ ଯେଉଁ ଚିନ୍ତା ମୋର ତାହା ଆପଣଙ୍କ ମଧ୍ୟ ହୋଇ ପାରେ। କିନ୍ତୁ ଆପଣଙ୍କ ପାତ୍ର କାହିଁ ? ସନ୍ଥ କିଛି ବୁଝି ପାରିଲେ ନାହିଁ। ପାତ୍ର କଥା ଶୁଣି ତାଙ୍କୁ ହସ ମଧ୍ୟ ଲାଗିଲା। କିଛି ସମୟ ପରେ ସ୍ୱାଭାବିକ ଭାବରେ ଆସି କହିଲେ, ମୁଁ ସତ୍ୟର ଅନ୍ୱେଷଣରେ ଆସିଛି ଏବଂ ସେଥି ପାଇଁ ଚିନ୍ତିତ ମଧ୍ୟ ଅଛି। ପିଲାଟି କହିଲା, ମୋ ଚିନ୍ତାର କାରଣ ହେଲା,ଏହି ଛୋଟ ପାତ୍ର ଟିରେ ମୁଁ ସାଗର ସମସ୍ତ ଜଳକୁ ଭରି ନେଇ ଘରକୁ ନେବାକୁ ଚାହୁଛି। କିନ୍ତୁ ସାଗର ମୋ କଥା କଣ ଶୁଣୁଛି ! ସେ ମୋ ପାତ୍ର ନିକଟକୁ ହିଁ ଆସୁ ନାହିଁ। ପିଲାଟିର କଥା ଶୁଣି ସନ୍ଥଙ୍କ ନିଜ ଅକଲ ଗୁଡୁମ୍ ହେଇ ଗଲା। ତାଙ୍କୁ ସତ୍ୟର ସାଗର ଖୁବ୍ ଭଲ ଭାବେ ଦେଖାଗଲା ! ସନ୍ଥ ପିଲାଟିକୁ କହିଲେ, ମିତ୍ର ! ସତରେ ଆମେ ଦୁହେଁ ବାଳକ ହିଁ ଅଟୁ, କାରଣ ବାଳକ ହିଁ ସାଗର ଜଳକୁ ନିଜ ପାତ୍ରରେ ଭରିବା ପାଇଁ ସାହସ କରିପାରେ ! ସେ ଆଗକୁ ଯାଇ ଭାବିବାକୁ ଲାଗିଲେ, ବସ୍ତୁତଃ ସଂସାରର ସମସ୍ତ ଲୋକେ ବାଳକ ସଦୃଶ ଆଉ କୌଣସି ନା କୌଣସି ସାଗର ତଟରେ ଯାଇ ନିଜ ନିଜ ପାତ୍ର ଧରି ଛିଡା ହୋଇଛନ୍ତି। ଆଉ ସେମାନେ ଭାବନ୍ତି ତାଙ୍କ ପାତ୍ରରେ ସମୁଦ୍ର ଜଳ କାହିଁକି ଭରପୁର ହେଉ ନାହିଁ ? କେହି କେହି ତ ଏମିତି ବି ଭାବନ୍ତି, ଯେ କାହାର ପାତ୍ର କେତେ ବଡ ଅଟେ ଆଉ କାହାର ପାତ୍ରରେ ସାଗର ସମ୍ପୂର୍ଣ୍ଣ ଆସି ଲୀନ ହୋଇଯିବାର ସମ୍ଭାବନା ଅଧିକ ! ଏବେ କିଏ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିବ ଯେ, ପାତ୍ର ଯେତେ ବଡ ହେବ, ସାଗରରେ ଲୀନ ହେବା ସମ୍ଭାବନା ମଧ୍ୟ ସେତେ କମ୍ ହେବ। କାରଣ ବଡ ପାତ୍ରର ଅହଙ୍କାର ତାକୁ ଛାଡ଼ିବାକୁ ଦେଇ ନ ଥାଏ। ଆଉ ସାଗର ତାକୁ ହି ମିଳିଥାଏ, ଯିଏ ପାତ୍ରକୁ ସମ୍ପୂର୍ଣ୍ଣ ଛାଡି ଦେବାର ସାହସ ରଖିଥାଏ ! ! ! !

ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ,
କୋରାପୁଟ
ମୋବାଇଲ୍ ୭୮୯୪୦୦୫୪୫୫

# ମୋତେ ବି ବିଷ ପିଆଇ ଦିଅ

ସୁକାନ୍ତି ରାଉତ

ଜନାର୍ଦ୍ଦନ ବାବୁ ନାତି ଚିକୁନ୍‌ର ପଢ଼ା ଘରେ ଶୋଇଥିଲେ। ଆଜକୁ ପ୍ରାୟ ୧୦ ଦିନ ହେବ ରୋଗଗ୍ରସ୍ତ। ଗାଁ ଦୋକାନରୁ ଦୁଟୁକା ବଟିକା ଖାଇଥିଲେ, ସେଥିରେ କିଛି ବି କମୁନି। ଡାକ୍ତରଖାନା ଯିବାକୁ ବି ପଇସା ନାହିଁ। ସାହିରେ ଜଣେ କମ୍ପାଉଣ୍ଡର ଅଛନ୍ତି। ତାକୁ ଦେଖାଇଥିଲେ । ସେ କହିଲା ଠିକ୍ ସମୟରେ ଦେଖାଶୁଣା ନ କଲେ ଅସୁବିଧା ହୋଇପାରେ। ଗତବର୍ଷ ଜନାର୍ଦ୍ଦନ ବାବୁଙ୍କ ପତ୍ନୀ ମଧ୍ୟ ଆରପାରିକୁ ଚାଲିଗଲେ। ଗୋଟେ ବୋଲି ପୁଅ। ତା'ରି ଭରସାରେ ବଞ୍ଚିଛନ୍ତି। ଅଭାବୀ ପରିବାର। ଜମିବାଡ଼ି ବି ସେତେ ନାହିଁ। ଯାହା ଅଛି ସେତକ ବର୍ଷେ ବି ଯାଏନି। ଏଣେ ପୁଅର ଦୁଇଟି ପିଲା। ବୋହୂବି ସେତେ ବୁଝିବାର ନୁହେଁ। ନିଜେ କେମିତି ଭଲରେ ଖାଇବ ସେତକ ହିଁ ବୁଝେ। ପୁଅ ବି ତା ହୁକୁମ୍‌ରେ ଚାଲେ। ଚା' କପେ ପାଇଁ ଶହେ ଥର କହିଲା ପରେ ମିଳେ। ସେଥିରେ ପୁଣି କେତେ କଥା ଶୁଣିବାକୁ ମିଳେ। କାଲି ପରି ଲାଗୁଛି। ପୁଅ ତାଙ୍କର ବହୁତ ସାନ ଥିଲା। ତା ମା ଯେତେ କଷ୍ଟ ହେଲେ ବି ପେଟରେ ଓଦା କନା ଦେଇ ତାକୁ ସଳଖ କରି ଦୁନିଆରେ ଛିଡ଼ା କରାଇବା ଶିଖେଇ ଥିଲା। ଭାବିଥିଲା ବୋହୂର ପରସାରେ ବଦଳିଯିବ ତାର ଦୁଃଖର ଦିନ ସବୁ। କେତେ ବା ଜମି ! ସେଥିରେ ପୁଣି ସବୁ ବର୍ଷ କେବେ ମରୁଡ଼ି ପଡ଼ିଲା ତ କେବେ ଅଦିନିଆ ବର୍ଷା।

ନେତା ମନ୍ତ୍ରୀଙ୍କର କ'ଣ ଯାଉଛି। ଆମ ଘରେ ଚୁଲୀ ଜଳିଲା କେତେ ନ ଜଳିଲା କେତେ? ସେମାନେ ତ ଠିକ୍ ଭୋଟ ବେଳେ ଆସନ୍ତି ମେଞ୍ଚେ□ ପ୍ରତିଶ୍ରୁତି ଦିଅନ୍ତି, ସେଥିରେ ପେଟ ପୂରିଯାଏ। ବାସ୍ ତା ପରେ ସେମାନଙ୍କର ଦେଖା ଦର୍ଶନ ନ ଥାଏ। ଜିତିଗଲେ କିଏ ବା କାହାର। ଆକାଶକୁ ହାତ ପାଇଗଲେ କିଏ ବା କାହାକୁ ପଚାରେ? ଅଭାବୀ ସଂସାର ଚଳିବାକୁ କେତେ ଯେ ମେହନତ୍ କରିବାକୁ ପଡ଼େ ସେକଥା ନା ବୋହୂ ବୁଝେ ନା ସରକାର ବୁଝନ୍ତି। କିନ୍ତୁ ଏକଥା ଜନାର୍ଦ୍ଦନ ବାବୁ କାହାକୁ କହିପାରନ୍ତିନି । ସେ ବି ରାଜନୀତି ଫାଜନୀତିକୁ ଭଲପାଆନ୍ତିନି। ତାଙ୍କ ବୟସର ଲୋକ ଯାଇ ସୁରାଟ ଆଉ କୋଲକୋତାରେ କାମ କରି ଦି ପଇସା ପାଉଛନ୍ତି। ଭାଗ୍ୟ ଭଲ ତାଙ୍କୁ ସେମିତି ଏ ବୟସରେ କରିବାକୁ ପଡ଼ିନି। ଭଗବାନ ବଡ଼ ଲୋକ। ଏଇ ସମୟରେ ଚିକୁନ୍ ଆଣି ଚାହା ଦେଲା। ଜେଜେ ଜେଜେ ଚା' ପିଇଦିଅ। ତଳ ସାହି ସିଲୁର ଜେଜେ ପରା ମରିଗଲେ। ତା ବାପାକୁ କୁଆଡ଼େ ୫ ଲକ୍ଷ ଟଙ୍କା ମିଳିବ। ଆଉ ଯଦି ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବେ ତେବେ ସହରରରେ ଗୋଟେ ଜାଗା ବି ମିଳିବ। ବୋଉ ଆଉ ବାପା କଥା ହେଉଛନ୍ତି ତମେ ମରିଗଲେ ତାଙ୍କୁ ବି ୫ ଲକ୍ଷ ଟଙ୍କା ମିଳିବ। ଏବେ କାଳେ ଯିଏ ମରିବେ ସେମାନେ ସବୁ ଚାଷୀ ଆତ୍ମହତ୍ୟାରେ ସାମିଲ ହେବେ। ହଁ ଜେଜେ ବୋଉ ଆଉ ବାପା ଏକଥା ବି କଥାହେଉଥିଲେ ସେଇ ଟଙ୍କାରେ ମାଟି ଘର ଭାଙ୍ଗି ଗୋଟେ ପକ୍କା ଘର କରିବେ। ଗୋଟେ ମଟର ସାଇକେଲ ଆଣିବେ । ବୋଉ ଏକଥା ବି ବାପାଙ୍କୁ କହୁଥିଲା – ବଜାରରୁ ଯାଇ ବିଷ ଆଣିବାକୁ। ତମକୁ ଆଜି ରାତିରେ ଭାତରେ ବିଷ ଦେଇଦେବେ। ସେଥିପାଇଁ ଆଜି ମାଛ ତରକାରୀ, ଡାଲି, ଦହି ବାଇଗଣ, ଆଉ ତମକୁ ସବୁଠାରୁ ଭଲ ଲାଗୁଥିବା ମାଛ ବେସର ତରକାରୀ ବି ହେବ। ମନ ଶାନ୍ତିରେ ଖାଇଦେବ। ହଁ, ଜେଜେ ଏକଥା ମୋତେ ବୋଉ ମନା କରିଥିଲା ତମ ପାଖେ ନ କହିବାକୁ। କିନ୍ତୁ ମୁଁ କହିଦେଉଛି କାହିଁକି ନା ମୁଁ ତମକୁ ବହୁତ ଭଲପାଏ। ତମେ ଗଲାପରେ ମୋ ସହିତ ଆଉ କିଏ ଖେଳିବ। ବାପା ମୋତେ ମାରୁଥିବାବେଳେ କିଏ ଧରିବ? ମୋତେ ସ୍କୁଲରେ ନେଇ କିଏ ଛାଡ଼ିବ। ସତ କହୁଛି ଜେଜେ ମୁଁ ନା ତମକୁ ବହୁତ ମିସ୍ କରିବି।

ଜନାର୍ଦ୍ଦନ ଆଶ୍ଚର୍ଯ୍ୟ ହେଲେ ଆଉ କହିଲେ – ତୁ ସତ କହୁଛୁ ମୁଁ ମରିଗଲେ ସରକାର ୫ ଲକ୍ଷ ଟଙ୍କା ଦେବେ ଆଉ ମୋ ନାଁ ବି ଖବରକାଗଜରେ ବାହାରିବ। ଆମର ବି ସେମାନଙ୍କ ପରି ଗୋଟେ ଘର ହେବ। ଏକଥା ଶୁଣି ତାଙ୍କ ଦେହ ଆହୁରି ଖରାପ ହୋଇଗଲା। ରାତି ୮ଟା ବାଜିଲା। ଡାକ ପକାଇଲେ– ବୋହୂ ମୋତେ ଆଜି କାହିଁ ଭଲ ଦରବ ଟିକେ ଖାଇବାକୁ ମନ ହଉଛି, ଜୀବନ କାଳ ମଧ୍ୟରେ କେବେ ଥରେ ବି ସେମିତି ଭାଗ୍ୟ ଜୁଟିଲାନି। ଦେ ଦଲଦି, ଯାହା ଅଛି ମୋତେ ଶୀଘ୍ର ପିଆଇ ଦେ। ମୁଁ ଟିକେ ଶାନ୍ତିରେ ପିଇ ଦିଏ। କିଏ ଜାଣେ କାଲି ଆଉ ଜୀବନରେ ଆସିବ କି ନାହିଁ। କାଲି ଯଦି ମୁଁ ନ ଥାଏ, ତମେମାନେ କେବେ ଅଭିମାନ କରିବନି। ମୋ ମୃତ୍ୟୁରେ ଯଦି ତମେମାନେ ସୁଖରେ ଜୀବନ କାଟିପାରିବ, ସେଥିରେ ମୁଁ ଖୁସି ହେବି ବୋହୂ।

ଆତ୍ମତୃପ୍ତିର ହସ ହସୁଥିଲା ବୋହୂ ସୁରଭି।

ରାଘବପୁର,
ଗେଡ଼ମା, ମଞ୍ଜୁରିରୋଡ଼,
ଜି-କେନ୍ଦୁଝର-୨୧

# ପୁଲି

ସୁନନ୍ଦା ମହାନ୍ତି

ଏକମାତ୍ର ସାହାରା ଆଈ ଚାଲିଗଲା ପରେ ପିଙ୍କିର ସମସ୍ତ ଭଲ ମନ୍ଦ ବୁଝୁଥିଲେ ଦୁଇ ପଡୋଶୀ। ପାଠ ଶାଠ ସହିତ ପିଙ୍କି ଥିଲା ସୁନ୍ଦର ଓ ଗାଁ ସ୍କୁଲରେ ଚାକିରି କରିଥିଲା ତ ପ୍ରସ୍ତାବର ଅଭାବ ନଥିଲା ତା ପାଇଁ । କିନ୍ତୁ ପିଙ୍କିର ଇଚ୍ଛା ଥିଲା ଯୋଉ ପୁଅ ପିଙ୍କି ସଙ୍ଗେ ତା ଆଈଙ୍କ ଘରେ ରହିବାକୁ ରାଜି ହେବେ ସେ ତାକୁ ହିଁ ବିବାହ କରିବ। ସେମିତି ପୁଅ କେହି ମିଳୁନଥିଲେ କାରଣ ଘରଜୋଇଁ ହେବାକୁ ସମସ୍ତଙ୍କ ମନରେ କେମିତି ଗୋଟେ ଅନିଚ୍ଛା ଥାଏ । ପିଙ୍କି ଗାଁ ସ୍କୁଲରେ ପିଲାମାନଙ୍କୁ ପାଠ ପଢେଇବା ସହିତ ଝିଅ ବୋହୂ ଓ ବୃଦ୍ଧ ବୃଦ୍ଧା ମାନଙ୍କୁ ପଢେଇବାରେ ସମୟ ଦିଏ। ପାଠ ଦି ଅକ୍ଷର ପଢି ଲେଖି ଶିଖିଲେ ମଣିଷକୁ କେହି ଠକି ପାରିବେନି ବୋଲି ସମସ୍ତେ ବୁଝିବା ସହ ଅନ୍ଧବିଶ୍ୱାସର ବଶବର୍ତ୍ତୀ ନହୋଇ ପର ବୁଦ୍ଧିରେ ଘୋଡା ଚଢିବା ଅପେକ୍ଷା ନିଜ ବୁଦ୍ଧିରେ ଘାସ କାଟିବା ଭଲ ବୋଲି ବୁଝି ସାରିଥିଲେ। ତେଣୁ ଆଜିକାର ଇଣ୍ଟରନେଟ ଯୁଗରେ କେହି ପିଙ୍କି ଗାଁର ପୁରୁଷ କି ମହିଳାଙ୍କୁ ଯେମିତି ଠକିପାରିବ ନାହିଁ ବରଂ ତାଙ୍କଠାରୁ କିଛି ଶିକ୍ଷା ପାଇ ଆଗକୁ ବଢ଼ି ପାରିବ ଏହିଭଳି ପିଙ୍କି ଗାଁ ଲୋକଙ୍କ ସେବାରେ ଥିବା ସହିତ କୃଷକମାନଙ୍କ ଜୀବନ ରକ୍ଷା ପାଇଁ ତାଳଗଛ ଲଗେଇ ବିଭନ୍ନ ସାମାଜିକ ଗଣମାଧ୍ୟମରେ ପ୍ରଚାର ଓ ପ୍ରସାର କରିଚାଲିଥିଲା ବେଳେ ସମସ୍ତେ ପିଙ୍କିର ବାହାଘରକୁ ନେଇ ଚିନ୍ତିତ ଥିଲେ। ପିଙ୍କି ଅନ୍ୟ କେଉଁ ଗାଁ ବା ସହରରେ ବାହା ନହୋଇ ଘରଜୋଇଁ ବରକୁ ବିବାହ କରି ନିଜ ଆଈଙ୍କ ଘରେ ସବୁଦିନ ରହିବାକୁ ସମସ୍ତଙ୍କର ନୀରବ ସମ୍ମତି ଥିଲେ ମଧ୍ୟ ପିଙ୍କି ପାଇଁ ଯୋଗ୍ୟ ପାତ୍ର ନମିଳୁଥିବାରୁ ମନ ଉଣା କରୁଥାନ୍ତି।

ପିଙ୍କି ପାଇଁ ସମସ୍ତଙ୍କ ମନ ଉଣା ହେଉଛି ଜାଣି ପିଙ୍କି ସେଦିନ ଗୋଟିଏ ଗପ କହି ଚାଲିଥିଲା। ସେ କହୁଥିଲା ଯେ ଟାଇଟାନିକ ଯାହାଜରେ ଜଳଯାତ୍ରା କରିବା ପାଇଁ କ୍ଲାର୍କ ନାମକ ଏକ ଚାଷୀ ଜୀବନର ସମସ୍ତ ପୁଞ୍ଜି ବିନିଯୋଗ କରି ନିଜର ପାଞ୍ଚ ପିଲା ଓ ସ୍ୱାମୀ ସ୍ତ୍ରୀ ମିଶି ସାତଜଣଙ୍କ ପାଇଁ ଟିକେଟ କାଟି ଉଦବିଗ୍ନର ସହ ଅପେକ୍ଷା କରିଥାନ୍ତି ଉଣେଇଶଶହ ବାର ମସିହାର ସେଇ ବୁଧବାରକୁ। ଯୋଉ ଜାହାଜରେ ଜଳାଯାତ୍ରା ତାଙ୍କୁ ଆଣିଦେବ ନୂତନ ଉନ୍ମାଦନା, ନୂତନ ପୁଲକ ଓ ଅନେକ ଅଭିଜ୍ଞତା ତଥା ଅଭିଜ୍ଞ ଅନୁଭୂତି। ଜଳାଯାତ୍ରାର ଠିକ ସାତ ଦିନ ପୂର୍ବରୁ ଦୁର୍ଘଟଣାଟିଏ ଘଟିଗଲା କ୍ଲାର୍କଙ୍କ ଘରେ। ତାଙ୍କ ନିଜ ପୋଷା କୁକୁର ତାଙ୍କ ତୃତୀୟ ପୁଅକୁ କାମୁଡି ଦେଇଥିଲା । କ୍ଲାର୍କଙ୍କ ସ୍ତ୍ରୀ ପୁତ୍ରର ଅସୁସ୍ଥ ଶରୀରକୁ ନେଇ ଜଳଯାତ୍ରାରେ ଯିବାକୁ ସ୍ୱାମୀଙ୍କୁ ମନା କରିବା ସହ କହିଥିଲେ ସ୍କଟ ତୁମେ ବରଂ ପାଞ୍ଚଜଣ ଚାଲିଯାଅ କିନ୍ତୁ ପତ୍ନୀଙ୍କ ବିନା ତଥା ପୁତ୍ରର ଆରୋଗ୍ୟରେ ତାଙ୍କର ମଧ୍ୟ କିଛି ଭୂମିକା ରହିବା ଉଚିତ ଭାବି କ୍ଲାର୍କ ଯାଇନଥିଲେ କିନ୍ତୁ ଦୀର୍ଘନିଶ୍ୱାସଟିଏ ବାହାରି ଆସୁଥିଲା ଛାତି ଥରାଇ ଯେ ସମସ୍ତ ପୁଞ୍ଜି ବିନିମୟରେ ସେ କିଣିଥିବା ସାତଗୋଟି ଟିକେଟର ପଇସା ଫେରସ୍ତ ମିଳିନଥିଲା କି ଜୀବନରେ ଟାଇଟାନିକ ପରି ଯାହାଜରେ ବସିବାର ସୁଯୋଗ ଆଉ ଆସିବନି କେବେ ଭାବି ଦୁଃଖରେ ଅଧୀର ହୋଇଉଠୁଥିବା ବେଳେ ଟାଇଟାନିକ ଯାହାଜ ଦୁର୍ଘଟଣାର ଶୀକାର ହୋଇଥଲା। ବରଫ ପାହାଡ଼ ଦେହରେ ଧକ୍କା ଖାଇ ଧ୍ୱଂସ ହୋଇଯାଇଥିଲା ଯାହାଜ । ସେ ତାଙ୍କ କୁକୁରକୁ ପ୍ରଥମ ଥର ଛାତିଲଗା କରି ଚୁମ୍ବନ ଦେଉ ଦେଉ କହିଥିଲେ ହେ ଇଶ୍ୱର ତୁମ ଇଛା ବିନା ଗଛରୁ ପତ୍ର ହଲେନା। କାହାଣୀଟିକୁ ଶୁଣି ଗ୍ରାମବାସୀ କହୁଥିଲଲେ ରଖେ ହରି ତ ମାରେ କିଏ। ହଁ ମୁଁ ମଧ୍ୟ ସେଇକଥା କହୁଛି କହି ପିଙ୍କି କହୁଥିଲା ମୋର ବାହାଘର ଡେରି ହେବାର କାରଣ ମଧ୍ୟ ଇଶ୍ୱରଙ୍କ ହାତରେ। ସମସ୍ତେ ବୁଝିଯାଇଥିଲେ। ସତକୁ ସତ କୃଷି ଗବେଷଣା ପାଇଁ ପିଙ୍କିକୁ ଆମେରିକା ଯିବାକୁ ଚିଠି ମିଳିବା ଶୁଣି ସମସ୍ତେ କହୁଥିଲେ ଇଶ୍ୱର ଏକ ତାଳଗଛ ପରି ଆର୍ଥିଙ୍ଗ ଅଟନ୍ତି। ମଣିଷ ସିନା ରଥର ଦଉଡି ଟାଣି ଭାବୁଛି ତା ଯୋଗୁଁ ଇଶ୍ୱରଙ୍କ ରଥଟଣା କିନ୍ତୁ ପ୍ରକୃତରେ ମଣିଷ ଜୀବନ ରଥର ଦଉଡିକୁ ଇଶ୍ୱର ଟାଣନ୍ତି ଠିକ କୂଅରୁ ପୁଲି ସାହାଯ୍ୟରେ ପାଣି ବାଲ୍ଟିକୁ ଟାଣିଲା ଭଳି।

ପ୍ରଥମଥର ଫ୍ଲାଇଟରେ ବସିଲା ବେଳେ ଓଡିଶାରୁ ଯେଉଁ ସହସାଥି ବୈଜ୍ଞାନିକ ପିଙ୍କି ସାଙ୍ଗରେ ପାଖ ସିଟରେ ବସିଥିଲେ ସେ ଥିଲେ ପିଙ୍କି ଘର ଗାଁର ଓ ସବୁଠୁ ଆଶ୍ଚର୍ଯ୍ୟ କଥା ପିଙ୍କିର ବାପା ମାଆ ରହୁଥିବା ଘରର କେହି ଉତ୍ତରାଧିକାରୀ ବା ଦାବୀଦାର ନଥିବାରୁ ସରକାରୀ ସ୍ତରରୁ ସେହି ଯୁବ ବୈଜ୍ଞାନିକଙ୍କୁ ସେହି ଘରଟିକୁ ଗବେଷଣା କରିବାକୁ ଦିଆଯାଇଥିଲା। ପିଙ୍କି ଦୁଇକୂଳର ଏକମାତ୍ର ଝିଅ କିନ୍ତୁ ଆଈ ଚାଲିଗଲା ପରେ ସେ ଆଉ ନିଜ ପୈତୃକ ଘରକୁ କେବେ ଯିବା ଦୂର କଥା ନିଜର ପୈତୃକ ଘର ଅଛି ବୋଲି ଭୁଲିଯାଇଥିଲା। କେବଳ ଆଈଙ୍କ ଠାରୁ ତା ଗାଁ ନାମ, ପିତା ମାତାଙ୍କ ନାମ ଯୁବକଙ୍କ ଠାରୁ ଶୁଣି ସେ ମନେପକେଇଥିଲା ପ୍ରଥମ କରି ଯେ ତାର ନିଜ ପୈତୃକ ଘରଟିଏ ଅଛି। ଯୁବକଙ୍କ ସହ ମିଶିବା ପରେ ସେ ଜାଣିଥିଲା ତାଙ୍କର ମଧ୍ୟ ପିଙ୍କି ପରି ଏ ଦୁନିଆଁରେ କେହି ନାହାଁନ୍ତି। ପୁଣି ଆମେରିକାରେ ଓଡ଼ିଆ ଯୁବକଙ୍କ ସହିତ ଘନିଷ୍ଠତା ବଢିଥିଲା ପିଙ୍କିର ଏଇଥି ପାଇଁକି ଭାଷା ଓ ଉଦେଶ୍ୟ ଥିଲା ଦୁହିଁଙ୍କର ଏକ ଓ ଲକ୍ଷ୍ୟ ମଧ୍ୟ ଥିଲା ଏକ। ଓଡିଶାର କୃଷକମାନେ ସେମାନଙ୍କ ଧନ ଜୀବନ କିପରି ସୁରକ୍ଷା ରହିପାରିବ ଓ ଉନ୍ନତମାନର ଧାନ ଶସ୍ୟ ସହିତ ମିଲେଟ ବା ମାଣ୍ଡିଆ ଉତ୍ପାଦନ ହୋଇପାରିବ ସେଥିପାଇଁ ଏ ଦୁହେଁ କାମ କରିଆସୁଥିବାରୁ ପିଙ୍କିକୁ କୃଷକ ମାନଙ୍କ ଜୀବନ ରକ୍ଷା ପାଇଁ ତାଳଗଛ ଲଗେଇ ପ୍ରେରଣା ଦେବା ପାଇଁ ପୁରସ୍କୃତ କରାଯିବା ସହ ଭଲ ବିହନ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଆବିଷ୍କାର ପାଇଁ ଯୁବ ବୈଜ୍ଞାନିକ ସୁରଥଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ନବଦିନବ୍ୟାପୀ କର୍ମଶାଳା ଶେଷ ହେବା ପରେ ସେମାନେ ପୁଣି ଫେରିଥିଲେ ଫ୍ଲାଇଟରେ ଏକାଠି।

ଭୁବନେଶ୍ୱର ବିମାନ ବନ୍ଦରରେ ଓହ୍ଲାଇ ପିଙ୍କି ଓ ସୁରଥ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ କାରଣ ଦୁଇ ଗାଁ ର ଆବାଳ ବୃଦ୍ଧ ବନିତା ସେମାନଙ୍କୁ ଖାଲି ସ୍ୱାଗତ କରିନଥିଲେ ବରଂ ଦୁହିଁଙ୍କୁ ବରଣମାଳା ଦେଇ ପରସ୍ପର ପରସ୍ପରକୁ ପିନ୍ଧାଇ ସାମାଜିକ କର୍ତ୍ତବ୍ୟ ସମ୍ପାଦାନ କରିବାକୁ କହୁଥିଲେ। ପିଙ୍କି ଟିକେ ଭାବିଚିନ୍ତି ହୋଇ କହିଲା ଏଥିପାଇଁ ମତେ ଗାଁ ଛାଡିବାକୁ ପଡିବ ଜାଣି ମଧ୍ୟ ତୁମେ ଖୁସି ତ? ଗ୍ରାମବାସୀ କହିଥିଲେ ହଁ ଖୁସି କାରଣ ଏ ଘର ପିଇସୀ ଯିଏ ସେଘର ମାଉସୀ ମଧ୍ୟ ସିଏ। ପିଙ୍କି ଆଶ୍ଚର୍ଯ୍ୟ ହୋଇ ଚାହିଁଥିଲା ତ ବୟୋଜ୍ୟେଷ୍ଠ ମୁରବୀମାନେ କହୁଥିଲେ ଆରେ ତୋ ଇଛା ମୁତାବକ ତୁ ଘରଜୋଇଁ ପାଇଲୁ ପୁଣି ଦୁହିଁଙ୍କ ଲକ୍ଷ୍ୟ ଏକା। ତାଛଡା ଦୁହେଁ କେତେବେଳେ ସେଠି ରହିବତ କେତେବେଳେ ଏଠି। ହେଲେ ତୁମେ ସବୁ ଏତେକଥା କେମିତି ଜାଣିଲ ବୋଲି ପିଙ୍କି ପଚାରୁଥିଲା। ସେମାନେ କହିଲେ ଆରେ ଏଇଟା ଡିଜିଟାଲ ଯୁଗର କରାମତି। ଏଥର ପିଙ୍କି ହାରିଯାଇଥିଲା। ବେଦୀରେ ବସିବା ବେଳେ ପିଙ୍କି ଆଈ ଘର ଦୁଇପଡ଼ୋଶୀ ଦୁହିଁଙ୍କର ପିତା ମାତାଙ୍କ ଭୂମିକା ନିର୍ବାହ କରି ଖୁବ ଖୁସି ହୋଇଥିଲେ।

ସାକ୍ଷୀଗୋପାଳ
ପୁରୀ
ମୋ-୯୦୪୦୯୭୭୩୨୭

# ୨୨ରୁ ସବ୍ୟସାଚୀ ଓ ଦିନେଶ ମୋମୋରିଆଲ ଗିନି କପ୍




**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ (କେଡିସିଏ) ଆନୁକୂଲ୍ୟରେ ସବ୍ୟସାଚୀ ଓ ଦିନେଶ ମୋମୋରିଆଲ ଗିନି କପ୍-୨୦୨୪ ଦ୍ୱିତୀୟ ସଂସ୍କରଣ ଆସନ୍ତା ୨୨ ତାରିଖରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଏନେଇ ବୁଧବାର ସ୍ଥାନୀୟ ରୋଟାରୀ ଭବନରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା ।

କେଡିସିଏ ସମ୍ପାଦକ ଭବାନୀଚରଣ ପଣ୍ଡା ଗିନି କପ୍ ସମ୍ପର୍କରେ ସୂଚନା ଦେଇ କହିଲେ ଯେ, ଏଥିରେ ଆୟୋଜକ ଟିମ୍‌କୁ ମିଶାଇ ୮ଟି ଟିମ୍ ଅଂଶଗ୍ରହଣ କରିଛନ୍ତି । ସେଥିରୁ ଭୁବନେଶ୍ୱରରୁ ରାମେଶ୍ୱର କ୍ଲବ, ଏମ୍‌ସିସି ଏବଂ କିଶୋର କ୍ଲବ୍ ସାମିଲ ହୋଇଥିବା ବେଳେ କଟକରୁ ସୋଲାର କ୍ଲବ, ରାଇଟିଂ ଷ୍ଟୁଡେଟସ ଓ ୟୁନିୟନ ସ୍ପୋଟିଙ୍ଗ କ୍ଲବ ରହିଛନ୍ତି ।

ପ୍ରତ୍ୟେକ ଦିନ ଗୋଟିଏ ମ୍ୟାଚ୍ ଖେଳାଯିବ । ପ୍ରତି ମ୍ୟାଚ୍‌ର ମ୍ୟାନ ଅଫ ଦି ମ୍ୟାଚ୍‌କୁ ୨ହଜାର ଟଙ୍କା ପୁରସ୍କାର ଓ ଗିଫ୍ଟ ଦିଆଯିବ । ୨ଟି ସେମି ଫାଇନାଲ ମ୍ୟାଚ୍ ଖେଳାଯିବ । ମ୍ୟାନ ଅଫ ମ୍ୟାଚ୍‌କୁ ୩ହଜାର ଟଙ୍କା ପୁରସ୍କାର ସହ ଗିଫ୍ଟ ରହିଛି । ଫାଇନାଲ ମ୍ୟାଚ୍ ଚାମ୍ପିଅନ ଦଳକୁ ଟ୍ରଫି ସହ ୫୦ହଜାର ଟଙ୍କା, ରନର୍ସଅପ୍ ଦଳକୁ ଟ୍ରଫି ସହ ୩୦ହଜାର ଟଙ୍କା ଦିଆଯିବ । ଫାଇନାଲର ମ୍ୟାନ ଅଫ ଦି ମ୍ୟାଚ୍‌କୁ ୫ ହଜାର ଟଙ୍କା, ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟକୁ ୧୦ ହଜାର ଟଙ୍କା ପୁରସ୍କାର ଦିଆଯିବ । ଏଥିସହିତ ଫାଇନାଲ ମ୍ୟାଚ୍‌ରେ ୧୬ବର୍ଷରୁ କମ୍ ଓଡ଼ିଶା ଦଳରେ ସାମିଲ ହୋଇଥିବା ଦୁଇ ଜଣ ଉଦୀୟମାନ କ୍ରିକେଟ ଖେଳାଳି ପିୟୁଷ ବଳିଆରସିଂହ ଓ ସୌନଭ ଦାସ ଏବଂ କେଡିସିଏ ପ୍ରତିଷ୍ଠାତା ସଦସ୍ୟ ପୂର୍ବତନ ବିଧାୟକ ଜ୍ୟୋତିରିୟ ନାଥ ମିତ୍ରଙ୍କୁ ସମ୍ମାନିତ କରାଯିବା କାର୍ଯ୍ୟକ୍ରମ ରହିଛି ବୋଲି ସମ୍ପାଦକ ପଣ୍ଡା ସୂଚନା ଦେଇଥିଲେ । ଏହି ଖବରଦାତା ସମ୍ମିଳନୀରେ ଜେଡିସିଏ କୋଷାଧ୍ୟକ୍ଷ ତନ୍ମୟ ବୋଷ, କାର୍ଯ୍ୟକାରୀ ସଦସ୍ୟ ସୌର୍ଯ୍ୟରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ ମ୍ୟାଚ୍ ୨୨ ତାରିଖରେ ସୋଲାର କ୍ଲବ୍ ବନାମ ରାମେଶ୍ୱର କ୍ଲବ୍, ୨୩ ତାରିଖରେ ରାଇଜିଂ ଷ୍ଟୁଡେଣ୍ଟ କଟକ ବନାମ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ , ୨୪ ତାରିଖରେ ପ୍ରଥମ ସେମି ଫାଇନାଲ, ୨୫ ତାରିଖରେ କେସିଏ ଖୋର୍ଦ୍ଧା ବନାମ କିଶୋର କ୍ଲବ୍, ୨୬ ତାରିଖ ୟୁନିଅନ ସ୍ପୋର୍ଟିଂ ବନାମ ଜାଗୃତି କ୍ଲବ୍ ଭୁବନେଶ୍ୱର, ୨୭ ତାରିଖରେ ଦ୍ୱିତୀୟ ସେମି ଫାଇନାଲ, ୨୮ ତାରିଖରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଓ ୨୯ ତାରିଖରେ ଫାଇନାଲ ମ୍ୟାଚ୍ ହେବ ବୋଲି ଦେବୀଶଙ୍କର ପଣ୍ଡା ଜଣାଇଛନ୍ତି ।

# ଭାରତ-ପାକିସ୍ତାନ ମ୍ୟାଚ୍‌କୁ ନେଇ ବଡ଼ ଘୋଷଣା କଲା ଆଇସିସି

**ନୂଆଦିଲ୍ଲୀ**

ଚାମ୍ପିୟନ୍ସ ଟ୍ରଫି ୨୦୨୫ରେ ଭାରତ ଓ ପାକିସ୍ତାନର ମ୍ୟାଚ୍‌କୁ ନେଇ ଆଇସିସି ବଡ଼ ଘୋଷଣା କରିଛି । ଚାମ୍ପିୟନ୍ସ ଟ୍ରଫି ୨୦୨୫ ଆୟୋଜନ କରିବାର ଅଧିକାର ପାକିସ୍ତାନକୁ ମିଳିଥିଲେ ହେଁ ଭାରତ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ସେଠାକୁ ଯିବ ନାହିଁ ।

ଭାରତର ମ୍ୟାଚ୍‌ଗୁଡ଼ିକ ନିରପେକ୍ଷ ଭେନ୍ୟୁ ସମ୍ଭବତଃ ଦୁବାଇରେ ଅନୁଷ୍ଠିତ ହେବ ବୋଲି ଆଇସିସି କହିଛି । ହାଇବ୍ରିଡ୍ ମଡେଲରେ ହେବାକୁ ଥିବା ଚାମ୍ପିୟନ୍ସ ଟ୍ରଫିରେ ଭାରତର ମ୍ୟାଚ୍‌ଗୁଡ଼ିକ ନିରପେକ୍ଷ ଭେନ୍ୟୁରେ ହେବ । କିନ୍ତୁ ଟୁର୍ଣ୍ଣାମେଣ୍ଟର ବାକି ମ୍ୟାଚ୍‌ଗୁଡ଼ିକ ପାକିସ୍ତାନରେ ଖେଳାଯିବ ।

ଆଇସିସି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ୨୦୨୪-୨୦୨୭ ମଧ୍ୟରେ ଆଇସିସିର ସମସ୍ତ ଇଭେଣ୍ଟରେ ଭାରତ ଓ ପାକିସ୍ତାନର ମ୍ୟାଚ୍‌ଗୁଡ଼ିକ ନିରପେକ୍ଷ ଭେନ୍ୟୁରେ ଖେଳାଯିବ ।



ଭାରତୀୟ ଟିମ୍ ପାକିସ୍ତାନ ଯିବ ନାହିଁ କିମ୍ବା ପାକିସ୍ତାନ ଟିମ୍ ମଧ୍ୟ ଭାରତ ଆସିବ ନାହିଁ । ଉଭୟ ଦଳ ନିରପେକ୍ଷ ଭେନ୍ୟୁରେ ମ୍ୟାଚ୍ ଖେଳିବେ । ଏହାର ଅର୍ଥ ୨୦୨୫ ମହିଳା ଦିନିକିଆ ବିଶ୍ୱକପ ଖେଳିବାକୁ ପାକିସ୍ତାନ ଭାରତ ଆସିବ ନାହିଁ । ସେହିପରି ୨୦୨୫ ମହିଳା ଟି-୨୦ ବିଶ୍ୱକପର ଆୟୋଜନ ଭାରତ ଓ ଶ୍ରୀଲଙ୍କା କରିବାକୁ ଥିଲେ ହେଁ ପାକିସ୍ତାନ ଟିମ୍ ଭାରତରେ କୌଣସି ମ୍ୟାଚ୍ ଖେଳିବ ନାହିଁ ବୋଲି ଆଇସିସି କହିଛି ।

ଆଇସିସି ଆହୁରି କହିଛି ଯେ ପାକିସ୍ତାନ କ୍ରିକେଟ ବୋର୍ଡକୁ ୨୦୨୮ ମହିଳା ଟି-୨୦ ବିଶ୍ୱକପ ଆୟୋଜନ କରିବାକୁ ଅଧିକାର ପ୍ରଦାନ କରାଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମଧ୍ୟ ହାଇବ୍ରିଡ୍ ମଡେଲ ଆପଣାଯିବ । ଭାରତୀୟ ଟିମ୍ ୨୦୨୮ ମହିଳା ଟି-୨୦ ବିଶ୍ୱକପ ଖେଳିବାକୁ ପାକିସ୍ତାନ ଯିବ ନାହିଁ । ଅତିରିକ୍ତ ଭାବେ ୨୦୨୯-୨୦୩୧ ସାଇକେଲ ମଧ୍ୟରେ କ୍ରିକେଟ ଅଷ୍ଟ୍ରେଲିଆ ଗୋଟିଏ ବଡ଼ ମହିଳା ଆଇସିସି ଇଭେଣ୍ଟ ଆୟୋଜନ କରିବ । ଅନ୍ୟପକ୍ଷରେ ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫିର କିଛି ମ୍ୟାଚ୍ ହରାଇଥିବାରୁ ଆଇସିସି ଠାରୁ କ୍ଷତିପୂରଣ ମାଗିଥିଲା । କିନ୍ତୁ ପାକିସ୍ତାନ କ୍ରିକେଟ ବୋର୍ଡକୁ କୌଣସି ପ୍ରକାରର କ୍ଷତିପୂରଣ ମିଳିନାହିଁ । ଚାମ୍ପିୟନ୍ସ ଟ୍ରଫି ହାଇବ୍ରିଡ୍ ମଡେଲରେ ଖେଳାଯିବାକୁ ଥିବା ବେଳେ ମ୍ୟାଚ୍‌ସୂଚୀ ଖୁବ୍‌ଶୀଘ୍ର ଜାରି କରାଯିବ ବୋଲି ଆଇସିସି ପକ୍ଷରୁ କୁହାଯାଇଛି ।

# ୬୮ତମ ଜାତୀୟ ବିଚ୍ ଭଲିବଲ ଚାମ୍ପିଅନସିପ୍ ଉଦ୍‌ଘାଟିତ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ପୁରୀ ନୀଳାଦ୍ରି ବିଚ୍‌ଠାରେ ଓଡ଼ିଶା ରାଜ୍ୟ ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୪ ଦିନିଆ ୬୮ତମ ବିଚ୍ ଭଲିବଲ ଚାମ୍ପିଅନସିପ୍ ଉଭୟ ବାଳକ ଓ ବାଳିକା ବର୍ଗ ଉଦ୍‌ଘାଟିତ ହୋଇ ଯାଇଛି । ଏହାକୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓ ଉଦ୍‌ଘାଟନ କରି ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି କୌଣସି ଜାତୀୟ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବା ଏକ ବଡ଼ ଉପଲବ୍ଧି ବୋଲି କହିଥିଲେ । ପ୍ରତ୍ୟେକ ପିଲା ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭାର ଉନ୍ମେଷ ଆମ ସମସ୍ତଙ୍କ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଥିଲେ । କ୍ରୀଡ଼ା ଶରୀରକୁ ସୁସ୍ଥ ରଖିବା ସହ ଶୃଙ୍ଖଳା ଓ ଭାଇଚାରାର ଶିକ୍ଷା ଦିଏ ଏହା ହିଁ କ୍ରୀଡ଼ାର ମହନୀୟତା ବୋଲି କହିବା ସହ ଶ୍ରୀ ମହାନ୍ତି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ଟି-୨୦ରେ ହ୍ୟାଟ୍ରିକ ଅର୍ଦ୍ଧଶତକ ଏକାଧିକ ରେକର୍ଡ କଲେ ସ୍ମୃତି ମନ୍ଧାନା

**ନୂଆଦିଲ୍ଲୀ**




ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ତଥା ଶେଷ ଟି-୨୦ରେ ଭାରତୀୟ ମହିଳା ଦଳର ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା ନିଜର ଜଲୱା ଦେଖାଇଛନ୍ତି । ନଭି ମୁମ୍ବାଇର ଡା ଡିୱାଇ ପାଟିଲ ଷ୍ଟାଡିୟମରେ ଗୁରୁବାର ଖେଳାଯାଉଥିବା ଇଣ୍ଡିଜ ବିପକ୍ଷ ମ୍ୟାଚ୍‌ରେ ମନ୍ଧାନା ୪୭ ବଲରେ ୭୭ ରନର ଇନିଂସ ଖେଳିଛନ୍ତି । ଏଥିରେ ୧୩ଟି ଚୌକା ଓ ଗୋଟିଏ ଛକା ରହିଛି । ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ସିରିଜରେ ଏହା ମନ୍ଧାନାଙ୍କ କ୍ରମାଗତ ତୃତୀୟ ଅର୍ଦ୍ଧଶତକ । ପ୍ରଥମ ଟି-୨୦ରେ ସେ ୫୪ ରନର ଇନିଂସ ଖେଳିଥିବା ବେଳେ ଭାରତ ବିଜୟୀ ହୋଇଥିଲା । ଦ୍ୱିତୀୟ ଟି-୨୦ରେ ମଧ୍ୟ ସେମାନ ୫୪ ରନ କରିଥିଲେ । ହେଲେ ଭାରତକୁ ହାରିବାକୁ ପଡ଼ିଥିଲା । ନିର୍ଣ୍ଣାୟକ ଟି-୨୦ରେ ସେ ୭୭ ରନ କରିଛନ୍ତି । ଏଥିସହ ସେ ଜେମିମା ରୋଡ୍ରିଗସଙ୍କ ସହ ମିଶି ବିଶାଳ ୯୮ ରନର ଭାଗିଦାରୀ କରିଛନ୍ତି । ଜେମିମା ମଧ୍ୟ ୨୮ ବଲରେ ୩୯ ରନର ଇନିଂସ ଖେଳିଛନ୍ତି । ଶେଷ ଭାଗରେ ରିଚା ଘୋଷ ୨୧ ବଲରେ ବିସ୍ଫୋରକ ୫୪ ରନର ଇନିଂସ ଖେଳିବାରୁ ଭାରତୀୟ ମହିଳା ଦଳ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୧୭ ରନ କରିଛି । ଏହା ଟି-୨୦ରେ ଭାରତର ସର୍ବାଧିକ ଦଳ ଗତ ସ୍କୋର । ଏହାପୂର୍ବରୁ ଚଳିତ ବର୍ଷ ଜୁଲାଇରେ ଅନୁଷ୍ଠିତ ଏସିଆ କପରେ ଭାରତୀୟ ମହିଳା ଦଳ ୟୁଏଇ ବିପକ୍ଷରେ ୫ ୱିକେଟ ହରାଇ ୨୦୧ ରନ କରିଥିଲା । ମନ୍ଧାନା ଗୁରୁବାର ଟି-୨୦ରେ ହ୍ୟାଟ୍ରିକ ଅର୍ଦ୍ଧଶତକ ହାସଲ କରିବା ପରେ ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି । ଗରୁବାରର ମ୍ୟାଚ୍‌ରେ ନିୟମିତ ଅଧିନାୟକ ହରମନପ୍ରୀତ କୌର ଖେଳୁ ନଥିବାରୁ ସ୍ମୃତି ଦଳର କମାଣ ମଧ୍ୟ ସମ୍ଭାଳିଛନ୍ତି ।

# ବାୟା ଅବଧୂତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ**



ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନିମୁଳ ପଞ୍ଚାୟତରେ ବାଲାବିହାରୀ କ୍ଲଷ୍ଟର ଅଧୀନ ବାୟା ଅବଧୂତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମୃତ ବେହେରା ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ । ଏହି କ୍ରୀଡ଼ାରେ ୧୦୦ ଓ ୨୦୦ ମିଟର ଦୌଡ଼, ଲମ୍ବା ଡିଆଁ, ଉଚ୍ଚ ଡିଆଁ, ସ୍ଲୋ ସାଇକେଲ, ଗଣିତ କକ୍ଷା ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା । ପ୍ରଧାନଶିକ୍ଷକ ରଶ୍ମି ରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଖେଳ ଶିକ୍ଷକ ବିକାଶ ଚନ୍ଦ୍ର ଜେନା ଖେଳ ପରିଚାଳନା କରିଥିଲେ । ଏଥିରେ ଅବସର ପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ପାଣି, ଅମୁଲ୍ୟ ମହାପାତ୍ର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଣବ ପ୍ରକାଶ ସାହୁ, ଶିକ୍ଷକ ବାଇଧର ଦାସ, ବିଜୟ କୁମାର ପଣ୍ଡା, ଯୁଗାନ୍ତ ଶବର, ଶଙ୍କର ଶବର, ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସ୍ୱାଇଁ, ମମତା ମହାପାତ୍ର, ଶିକ୍ଷୟିତ୍ରୀ ମମତା ମଞ୍ଜରୀ ଦାସ, ମୋନାଲିସା ମହାନ୍ତି, ପ୍ରିୟମ୍ବଦା ସେଠି, କର୍ମଚାରୀ ବିଜୟ କୁମାର ସିଂ, ଜୟଦେବ ସାହୁ ପ୍ରମୁଖ କ୍ରୀଡ଼ା ଉତ୍ସବ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶୁକ୍ରବାର ଦିନ କ୍ରୀଡ଼ାର ଫାଇନାଲ ଖେଳ ଅନୁଷ୍ଠିତ ହେବବୋଲି ସୂଚନା ମିଳିଛି ।

# କ୍ରୀଡ଼ାର ବିକାଶ ନିମନ୍ତେ ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ ଆବଶ୍ୟକ : ଦିଗ୍‌ବିଜୟ ସିଂହଦେଓ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ଭାରତରେ କ୍ରୀଡ଼ାର ବିକାଶ ନିମନ୍ତେ କ୍ରୀଡ଼ା ପ୍ରତି ଜନସାଧାରଣଙ୍କ ଦୃଷ୍ଟିଭଙ୍ଗୀ ପରିବର୍ତ୍ତିତ ହେବା ଆବଶ୍ୟକ ବୋଲି ବିଶିଷ୍ଟ କ୍ରୀଡ଼ା ସାମ୍ବାଦିକ ଦିଗବିଜୟ ସିଂହଦେଓ କହିଛନ୍ତି ।

ଅଲିମ୍ପିକ୍ ସମେତ ଅନେକ ବିଶ୍ୱସ୍ତରୀୟ କ୍ରୀଡ଼ାକୁ ଗଣମାଧ୍ୟମରେ ଉପସ୍ଥାପିତ କରିଥିବା ଶ୍ରୀ ସିଂହଦେଓ କହିଥିଲେ ଯେ ଅଲିମ୍ପିକ୍‌ରେ ଅଧିକ ସଫଳ ହେଉଥିବା ଦେଶ ଯଥା ଆମେରିକା, ଚୀନ୍, ଜାପାନ୍, ଫ୍ରାନ୍ସ ଓ ଜର୍ମାନୀରେ କେହି ଅଲିମ୍ପିକରେ ପଦକ ଜିତିବା ନିମନ୍ତେ ଅନୁଶୀଳନ କରନ୍ତି ନାହିଁ । ଏହି ଦେଶଗୁଡ଼ିକରେ କ୍ରୀଡ଼ାରେ ଭାଗ ନେବା ସମସ୍ତଙ୍କ ନିମନ୍ତେ ଏକ ସ୍ୱାଭାବିକ ବିଷୟ । ସେମାନେ କ୍ରୀଡ଼ାରେ ନୈପୁଣ୍ୟ ହାସଲ ନିମନ୍ତେ, ଦଳଗତ ମନୋଭାବ ସୃଷ୍ଟି ନିମନ୍ତେ, ଶାରୀରିକ ସୁସ୍ଥତା ନିମନ୍ତେ ଓ ପ୍ରତିପକ୍ଷକୁ କିପରି ସମ୍ମାନ ଦିଆଯାଏ ସେ ବିଷୟ ଶିକ୍ଷା କରିବା ପାଇଁ କ୍ରୀଡ଼ାରେ ଭାଗ ନେଇଥାନ୍ତି ।

ଶ୍ରୀ ସିଂହଦେଓ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ମହୋତ୍ସବ 'ସୋଆ କପ୍'ର ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ମନ୍ତବ୍ୟ ରଖିଥିଲେ । ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି କ୍ରୀଡ଼ା ସାମ୍ବାଦିକତା କରୁଥିବା ଶ୍ରୀ ସିଂହଦେଓ ପୂର୍ବରୁ ଷ୍ଟାର ନ୍ୟୁଜ, ସିଏନ୍‌ଏନ୍-ଆଇବିଏନ ଓ ଉଇଅନ୍ ଭଳି ସମ୍ବାଦ ଚ୍ୟାନେଲରେ କାର୍ଯ୍ୟ କରିଛନ୍ତି ଏବଂ ବର୍ତ୍ତମାନ ଏସ୍‌ଜି ସ୍ପୋର୍ଟ୍ସ ମେଡିଆ ଓ ଏଣ୍ଟରଟେନ୍‌ମେଣ୍ଟର ଉପସଭାପତି ଭାବେ କାର୍ଯ୍ୟ କରୁଛନ୍ତି ।

ସେ କହିଥିଲେ ଯେ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ବର୍ତ୍ତମାନ ସାରା ଦେଶର ଦୃଷ୍ଟି ଆକର୍ଷଣ କରିଛି । କ୍ରୀଡ଼ାର ବିକାଶ ନିମନ୍ତେ ରାଜ୍ୟରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରି ଶ୍ରୀ ସିଂହଦେଓ କହିଥିଲେ ଯେ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ଆଖିଦୃଶିଆ ଉନ୍ନତି ନିମନ୍ତେ ଜାତୀୟ ସ୍ତରରେ ଓଡ଼ିଶାର ପରିଚୟ ବର୍ତ୍ତମାନ ବଦଳି ଯାଇଛି । ସେ ସୋଆ କପ୍‌ରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ସେମାନଙ୍କୁ କ୍ରୀଡ଼ାରେ ସଂଶ୍ଳିଷ୍ଟ ହୋଇ ରହିବା ନିମନ୍ତେ ଉତ୍ସାହିତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ଥିଲେ । ଏହି କ୍ରୀଡ଼ା ମହୋତ୍ସବରେ ଫୁଟବଲ୍, କ୍ରିକେଟ, ଭଲିବଲ, ବାସ୍କେଟବଲ, କବାଡ଼ି, ବ୍ୟାଡମିଣ୍ଟନ, ଟେବୁଲ ଟେନିସ୍, ସଫ୍ଟବଲ, ଟେନିସ୍, ଖୋ ଖୋ, ଚେସ୍, ଥ୍ରୋବଲ୍ ଓ ଆଥଲେଟିସ୍ ତଥା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନ୍ତର୍ଭୁକ୍ତ ଥିଲା ।

ଏହି କାର୍ଯ୍ୟକ୍ରମରେ ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଏବର୍ଷ ପାଇଁ ସୋଆ କପ୍ ସଂଯୋଜକ ଡକ୍ଟର ସୌର୍ଯ୍ୟ ରଞ୍ଜନ ଦାସ ଓ ସ୍ପୋର୍ଟ୍ସ ଅଫିସର ସୁନୀତା ବର୍ମା ଉପସ୍ଥିତ ଥିଲେ । ଆସନ୍ତା ବର୍ଷ ଏହି କାର୍ଯ୍ୟକ୍ରମ ନିମନ୍ତେ ଡକ୍ଟର ତନ୍ମୟ ପରଡ଼ା ସଂଯୋଜକ ହେବେ ବୋଲି ମଧ୍ୟ ଘୋଷଣା କରାଯାଇଥିଲା ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସିଲାଟିରେ ବାର୍ଷିକ କ୍ରୀଡ଼ା ଉତ୍ସବ




**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସିଲଟି ଠାରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବ ରେ ଅଧ୍ୟକ୍ଷ ଶ୍ରୀ ଅନିଲ କୁମାର ପଟେଲ କ୍ରୀଡା ପତାକା ଉତ୍ତୋଳନ ଓ ମା ଶ୍ରୀ ଅରବିନ୍ଦ ଙ୍କ ଠାରେ ଧୂପ ପୁଷ୍ପ ଅର୍ପଣ କରି ଉଦଘାଟନ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ସୁନୀଲ ଭାଇ ଖେଳ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ମ୍ୟୁଜିକ ଚେୟାର, ଦୌଡ଼ ,ଲମ୍ଵ ଡିଆଁ, ଉଚ୍ଚ ଡିଆଁ , ବାଟି ଚାମଚ ଦୌଡ଼,ଗୋଲା ଫିଙ୍ଗା,ଲକ୍ଷ୍ୟଭେଦ ଖେଳ, ଶଟପୁଟ , ଡ଼ିସକଶ ଥ୍ରୋ,ଦଉଡି ଡିଆଁ,ଗଣିତ ଦୌଡ଼,ମିଠା ଦୌଡ଼ ପରି ଖେଳ ଅନୁଷ୍ଠିତ ହୋଇଥିଲା । ଗୁରୁଜୀ ମଧୁସୂଦନ ଭାଇ,ବାମଦେବ ଭାଇ,ଘନ ଭାଇ,ସୁଶାନ୍ତ ଭାଇ ଚିନ୍ତାମଣି ଭାଇ,ଆଲୋକ ଭାଇ ,ଦୀପକ ଭାଇ ,ବର୍ଷା ଅପା, କୌଶଲ୍ୟା ଅପା ,ରସେଶ୍ୱରୀ ଅପା ସ୍ୱାଗତିକା ଅପା, ସମସ୍ତ ଶିଶୁ ଭାଇଭଉଣୀ ଓ ଅବିଭାବକ ସହଯୋଗ କରିଥିଲେ




ଭୁବନେଶ୍ୱର : ହକି ଇଣ୍ଡିଆ ଲିଗ୍ ମ୍ୟାଚ୍‌ରେ ଅଂଶଗ୍ରହଣ କରିବାକୁ ଥିବା ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ଟିମ୍‌ର ଜର୍ସି ଉନ୍ମୋଚନ କରାଯାଉଛି । ଏନେଇ କଳିଙ୍ଗ ଷ୍ଟାଡ଼ିୟମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । (ଫଟୋ : ସମ୍ବାଦ କଳିକା)

# ଓଡ଼ିଶା ପୁଲିସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ବକ୍ସିବଜାରସ୍ଥିତ ଓଡ଼ିଶା ପୁଲିସ ହାଇସ୍କୁଲର ୧୭ତମ ବାର୍ଷିକ କ୍ରୀଡ଼ାଉତ୍ସବ ଗତ ଦୁଇ ଦିନ ଧରି ଅନୁଷ୍ଠିତ ହୋଇ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ମମତା କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।

ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତ ସୂଚନା ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁଲିସ ମୁଖ୍ୟାଳୟର ଏସ.ପି ବିଜୟ ଲକ୍ଷ୍ମୀ ଆଚାର୍ଯ୍ୟ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ସହ କ୍ରୀଡ଼ା ଉପରେ ମନୋନିବେଶ କରି ଶୃଙ୍ଖଳା ଓ ସଂସ୍କାର କୁ ଗ୍ରହଣ କରି ଜୀବନରେ ଉନ୍ନତି କରିବାକୁ ପରାମର୍ଶ ଦେଇ ଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ପୁଲିସ ମୁଖ୍ୟାଳୟର ମଙ୍ଗଳ ଅଧିକାରୀ ରବୀନ୍ଦ୍ରନାଥ ମହାନ୍ତି, ବିଶିଷ୍ଟ ସମାଜସେବୀ ସରୋଜ କୁମାର ଶତପଥି, ମୁଖ୍ୟବକ୍ତା ଭାବେ ସି.ଆର.ସି.ସି. ରେନୀ ନନ୍ଦ ଯୋଗଦାନ କରି ପ୍ରତିଯୋଗୀ ଓ ଛାତ୍ରଛାତ୍ରୀମାନଙ୍କୁ କ୍ରୀଡ଼ା ପ୍ରତି ଉଚିତ ଧ୍ୟାନ ଦେବା ପାଇଁ ଉତ୍ସାହିତ କରିଥିଲେ । କ୍ରୀଡ଼ା ଶିକ୍ଷକ ଦିଲ୍ଲୀପ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ଦୁର୍ଯ୍ୟୋଧନ ସାହୁ, ଗୀତାଞ୍ଜଳି ମିଶ୍ର, ଅମିତା ପ୍ରଜ୍ଞା ପଣ୍ଡା ଶିକ୍ଷକ ଓ ଶିକ୍ଷୟତ୍ରୀମାନେ କ୍ରୀଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଉତ୍ସବରେ ପ୍ରାକ୍ତନ ଦୁଇ ପ୍ରଧାନ ଶିକ୍ଷୟତ୍ରୀ ତରୁବାଳା ନନ୍ଦ ଓ ସାଗରିକା ନନ୍ଦ ଉପସ୍ଥିତ ଥିଲେ । ବରିଷ୍ଠ ବାଳକ ବିଭାଗର ଓମ୍ କୁମାର ନାୟକ, କନିଷ୍ଠ ବିଭାଗର ରକି ବେହେରା ଓ ବାଳିକା ବିଭାଗର ସୁସ୍ମିତା ବେହେରା ତଥା ଅନ୍ୟ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମର ସଫଳତା ପାଇଁ ହିନ୍ଦୀ ଶିକ୍ଷକ ଶେଖ ଜହୁରୁଦ୍ଦିନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

GOVERNMENT OF ODISHA
DEPARTMENT OF WATER RESOURCES,
O/O THE SUPERINTENDING ENGINEER,
HADUA IRRIGATION DIVISION, NARASINGHPUR
e-Mail Id – hidirrigation@gmail.com

A-743

BID IDENTIFICATION NO.SE-HID(NSPR)-03/2024-25
'e'-Procurement Notice No. SE-HID(NSPR)- 03/2024-25

The Superintending Engineer, Hadua Irrigation Division, Narasinghpur on behalf of the Governor of Odisha invites online **percentage rate basis bid in Single cover** system through e-procurement for the work mentioned below.

| | | | |
|---|---|---|---|
| 1 | Total No. of Works | : | 02 (Two) Nos. Civil work |
| 2 | Estimated Cost put to tender | : | Approximately Rs.16.07 Lakh& 16.36 Lakh |
| 3 | Tender Paper Cost | : | Rs.6,000/- (Non Refundable) per each |
| 4 | Class of Contractor | : | 'D' and'C' equivalent Grade / Class |
| 5 | Availability of Bid Documents and receipt of bid through online | : | From 10.00 A.M of 21.12.2024 to 5.00 P.M of 03.01.2025 in the website (www.tendersodisha.gov.in) |
| 7 | Date, time & place for opening of online tenders | : | 04.01.2025 at 12.00 A.M and onwardsin the o/o the SE, Hadua Irrigation Division, Narasinghpur. |
| 8 | Date, time & Place for finalization of tender through transparent lottery system (if required) | : | 07.01.2025at 11.30 A.M in the o/o the SE, Hadua Irrigation Division, Narasinghpur |
| 9 | Digital Signature Certificate | : | The bidders must possess compatible Digital Signature Certificate (DSC) of Class-II or Class-III |
| 10 | Name and Address of Officer Inviting Tender ( OIT) | : | Superintending Engineer, Hadua Irrigation Division, Narasinghpur, At/PO:-Narsinghpur, Dist:- Cuttack, Odisha. e-mail Id- hidirrigation@gmail.com |

Further details can be seen from the e-procurement portal of Government Odisha at www.tendersodisha.gov.in)

Sd/- Superintending Engineer
Hadua Irrigation Division, Narasinghpur

OIPR-32243/11/0004/2425

GOVERNMENT OF ODISHA
OFFICE OF THE SUPERINTEDNING ENGINEER
RURAL WORKS DIVISION, SUNABEDA
e-Procurement Notice for Building works
Identificotion No Online Tender /06/RWD:SBD/2024-25

e-mail: eerw sunabeda@yahoo.co.in
O-920

Letter No. 4854 /　　Date: 18.12.2024 /

1. Name of the work :: Building works Pottangl, Semiliguda, Nandapur Bandhugaon, Laxmipur, Narayanpatna, Lamtaput block
2. Total Number of works :: 30 nos works
3. Estimated cost :: 2.00 to 16.00 lakhs
4. Class of Contractor :: "C" & "D" Class
05. Period of Completion :: 02 months
06. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Sunabeda | Online Tender/06/ RWD-SBD /2024-25 | 23.12.2024 at 11.00 A.m | 02.01.2025 upto 5..00 P.m |

Further details can be seen from the website www.tendersorissa.gov.in

Sd/- Superintending Engineer,
Rural Works Division, Sunabeda

OIPR-25059/11/0006/2425

## ପଞ୍ଚମ ସରକାରୀ ରେଳବାଇ ପୋଲିସ (ଜିଆରପି) ମୁଖିଆ ସମ୍ମିଳନୀ

# ରେଳ ସୁରକ୍ଷା ବୃଦ୍ଧି ଏବଂ ଯାତ୍ରୀଙ୍କ ଅଭିଯୋଗକୁ ସମାଧାନ କରିବା ପାଇଁ ଗୁରୁତ୍ୱାରୋପ

**ନୂଆଦିଲ୍ଲୀ**



ରେଳ ମନ୍ତ୍ରଣାଳୟ ସହିତ ସରକାରୀ ରେଳବାଇ ପୋଲିସ (ଜିଆରପି) ମୁଖିଆଙ୍କ ପଞ୍ଚମ ସର୍ବ ଭାରତୀୟ ସମ୍ମିଳନୀ ରେଳ ସୁରକ୍ଷା ବଳ (ଆରପିଏଫ୍) ଦ୍ୱାରା ନୂଆଦିଲ୍ଲୀର ବିଜ୍ଞାନ ଭବନରେ ସଫଳତାର ସହ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀ ଏବଂ ସୁରକ୍ଷା ବିଭାଗର ମୁଖିଆମାନେ ଏକତ୍ରିତ ହୋଇ ଯାତ୍ରୀଙ୍କ ସୁରକ୍ଷା, ଅପରାଧ ହ୍ରାସ ରଣନୀତି ଏବଂ ବର୍ଦ୍ଧିତ ରେଳ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ମାନବସମ୍ବଳ ଆବଶ୍ୟକତା ଉପରେ ବିଚାରବିମର୍ଶ କରିଥିଲେ । ଏହି ସମ୍ମିଳନୀରେ ଯୋଗଦେଇ ରେଳ ବୋର୍ଡର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସତୀଶ କୁମାର ତାଙ୍କର ଅଭିଭାଷଣରେ କହିଛନ୍ତି ଯେ ଯାତ୍ରୀଙ୍କ ଉପରେ ବିଶେଷ ଧ୍ୟାନ ଦେଇ ସାରା ଦେଶରେ ଲକ୍ଷ ଲକ୍ଷ ରେଳ ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ରାଜ୍ୟ ପୋଲିସ ବାହିନୀ (ଜିଆରପି) ଏବଂ ଆରପିଏଫ ମଧ୍ୟରେ ମିଳିତ ଆଭିମୁଖ୍ୟ ରଖିବା ଆବଶ୍ୟକ ଓ ଯାତ୍ରୀଙ୍କ ଅଭିଯୋଗ ଏବଂ ମାମଲା ପଞ୍ଜିକରଣ କ୍ଷେତ୍ରରେ ସରଳୀକରଣ ପନ୍ଥା ଆପଣାଇବାକୁ ଗୁରୁତ୍ୱାରୋପ କରିଥିଲେ । ରେଳବାଇରେ ମହିଳା ଏବଂ ଶିଶୁଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆରପିଏଫ୍‌ର ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି ଯେପରିକି ଅପରେସନ୍ ନନ୍ହେ ଫରିସ୍ତେ, ଅପରେସନ୍ ଆହତ ଏବଂ ମେରୀ ସହେଲି । ତାଙ୍କ ସ୍ୱାଗତ ଭାଷଣରେ ଡିଜି ଆରପିଏଫ୍ ମନୋଜ ଯାଦବ କହିଛନ୍ତି ଯେ ଏଗୁଡିକର ମୁକାବିଲା ପାଇଁ ସୁରକ୍ଷା ଭିତ୍ତିଭୂମି ଆଧୁନିକୀକରଣର ଆବଶ୍ୟକତା ଉପରେ ମନୋଜ ଯାଦବ ଗୁରୁତ୍ୱାରୋପ କରିଥିଲେ । ଆଲୋଚନାର ଏକ ମହତ୍ୱପୂର୍ଣ୍ଣ ଅଂଶ ରେଳ ମାଡାଡ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଯାତ୍ରୀଙ୍କ ଅଭିଯୋଗର ତୁଳନାତ୍ମକ ବିଶ୍ଳେଷଣକୁ ଧ୍ୟାନ ଦିଆଯାଇଥିଲା ଏବଂ ରେଳବାଇରେ ଘଟୁଥିବା ପ୍ରମୁଖ ଅପରାଧର ମୁକାବିଲା ପାଇଁ ପ୍ରକ୍ରିୟା ଗୁଡ଼ିକୁ ସରଳୀକରଣ କରିବାର ଆବଶ୍ୟକତାକୁ ଦର୍ଶାଇଥିଲା । ନୂତନ ଅପରାଧିକ ଆଇନଗୁଡିକର କାର୍ଯ୍ୟକାରିତା ଏକ ପ୍ରମୁଖ ଧ୍ୟାନ ଥିଲା, ଜିରୋ ଏଫ୍‌ଆଇଆର ଗୁଡ଼ିକର ଦକ୍ଷତାର ସହ ପରିଚାଳନା ଏବଂ ଇ-ଏଫ୍‌ଆଇଆର ସିଷ୍ଟମର ଏକୀକରଣର ଆବଶ୍ୟକତାକୁ ଦର୍ଶାଇ ଦ୍ରୁତ ଅପରାଧ ରିପୋର୍ଟ, ସୁଗମ ପ୍ରମାଣ ପରିଚାଳନା ଏବଂ ସମଗ୍ର ରାଜ୍ୟରେ ପ୍ରଭାବଶାଳୀ ଅନୁସନ୍ଧାନକୁ ସୁଗମ କରିଥିଲା । ଅନ୍ୟ ଏକ ମୁଖ୍ୟ ଧ୍ୟାନ କ୍ଷେତ୍ର ହେଉଛି ରେଳବାଇର ବିଭିନ୍ନ ଭିତ୍ତିଭୂମି ଏବଂ ମାନବ ସମ୍ବଳ ସମ୍ବନ୍ଧୀୟ ଆଲୋଚନା । ଅଂଶଗ୍ରହଣକାରୀମାନେ ଜିଆରପିର ମାନବ ଶକ୍ତି ଏବଂ ଭିତ୍ତିଭୂମି ଆବଶ୍ୟକତା ନିର୍ଣ୍ଣୟ କରିବା ପାଇଁ ୟୁନିଫର୍ମ ମାନଦଣ୍ଡ ସୃଷ୍ଟି, ବିଭିନ୍ନ ଭୌଗୋଳିକ ଅବସ୍ଥା ଏବଂ ରେଳ କାର୍ଯ୍ୟର ଜଟିଳତା ଉପରେ ଅନୁସନ୍ଧାନ କରିଥିଲେ । ସମୟ ସୀମା ମଧ୍ୟରେ ଏହି ମାନଦଣ୍ଡ ନିର୍ଣ୍ଣୟ କରିବା ପାଇଁ ଏକ କମିଟି ମନୋନୀତ ହୋଇଛି । ଏହି ଅଧିବେଶନରେ ଭାରତର ବ୍ୟାପକ ରେଳ ନେଟୱାର୍କର ସୁରକ୍ଷା ଦାବି ପୂରଣ ପାଇଁ ଏକ ସଂରଚନା, ମାପନୀୟ ଢାଞ୍ଚାର ଆବଶ୍ୟକତା ଦର୍ଶାଯାଇଛି । ଡିଜି ଆରପିଏଫ୍ ତାଙ୍କର ବକ୍ତବ୍ୟରେ ସମ୍ମିଳନୀର ସହଯୋଗୀ ମନୋଭାବକୁ ପ୍ରଶଂସା କରି କହିଛନ୍ତି, "ଏହି ସମ୍ମିଳନୀ ରେଳ ସୁରକ୍ଷାକୁ ଦୃଢ଼ କରିବା ପାଇଁ ଆମର ସାମୂହିକ ସଂକଳ୍ପକୁ ପ୍ରମାଣିତ କରିଛି । ମାନବ ଶକ୍ତିର ଆହ୍ୱାନକୁ ସମାଧାନ କରି, ଆମର ପ୍ରଣାଳୀକୁ ଆଧୁନିକୀକରଣ କରି ଏବଂ ଆମର ଅପରାଧର ପ୍ରତିକ୍ରିୟାରେ ଉନ୍ନତି ଆଣିବା ଦ୍ୱାରା ଆମେ ଲକ୍ଷ ଲକ୍ଷ ଯାତ୍ରୀଙ୍କ ପାଇଁ ନିରାପଦ ଯାତ୍ରା ସୁନିଶ୍ଚିତ କରିବା ଦିଗରେ ନିର୍ଣ୍ଣାୟକ ପଦକ୍ଷେପ ନେଉଛୁ । ଏହି ଯାତ୍ରାରେ ରାଜ୍ୟ ଜିଆରପିର ଭୂମିକା ଏବଂ ଭାରତୀୟ ରେଳବାଇ ସହିତ ସେମାନଙ୍କର ସହଭାଗୀତା ପ୍ରମୁଖ ଅଟେ ଏବଂ ମିଳିତ ଭାବେ ରେଳ ସୁରକ୍ଷା ପାଇଁ ନୂତନ ମାନଦଣ୍ଡ ସ୍ଥିର କରିବାକୁ ପଡିବ ବୋଲି ଗୁରୁତ୍ୱାରୋପ କରିଥିଲେ । ଏହି ସମ୍ମିଳନୀ ସଫଳତାର ସହିତ ସମାପ୍ତ ହୋଇଛି ଯେଉଁଥିରେ ଅଂଶଗ୍ରହଣକାରୀମାନେ କାର୍ଯ୍ୟକ୍ଷମ ପାଇଁ ସମାଧାନ ପନ୍ଥା ଉପରେ ସହମତ ହୋଇଛନ୍ତି ଏବଂ ବର୍ଦ୍ଧିତ ପ୍ରଯୁକ୍ତିବିଦ୍ୟା ଗ୍ରହଣ, ହିତାଧିକାରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଏବଂ ଯାତ୍ରୀ ସୁରକ୍ଷା ଉପରେ ପ୍ରାଧାନ୍ୟ ଓ ପ୍ରାଥମିକତାକୁ ଗୁରୁତ୍ୱାରୋପ କରିଛନ୍ତି ।



# ଡଃ ମୀନକେତନ, ସୁଦର୍ଶନ ମହାପାତ୍ର, ରାଧାଚରଣ ସାମନ୍ତରାୟ ଓ କେଶବ ଚରଣ ସାସମଲଙ୍କୁ ଗୁରୁ ପ୍ରଣାମ ସମ୍ମାନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଆର୍ଯ୍ୟସମାଜର ସହଯୋଗୀ ସଂଗଠନ ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ଦୀର୍ଘ ୨୩ ବର୍ଷ ଧରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ସଂସ୍କୃତ ଓ ଶିକ୍ଷା କ୍ଷେତ୍ରରେ ଜୀବନବ୍ୟାପୀ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ଗୁରୁ ପ୍ରଣାମ ସମ୍ମାନ ଦେଇଆସୁଛି । ସେହି କ୍ରମରେ ୨୦୨୫ ବର୍ଷ ପାଇଁ ବିଶିଷ୍ଟ ଶିକ୍ଷାବିତ୍ ତଥା ଶିକ୍ଷା ସଂଗଠକ ଡଃ ସତ୍ୟବ୍ରତ ମୀନକେତନ, ପାଲାଋର୍ଯ୍ୟ ସୁଦର୍ଶନ ମହାପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ରାଧା ଚରଣ ସାମନ୍ତରାୟ ଏବଂ ପୂଜ୍ୟ ପଦ୍ମଶ୍ରୀ ବାବା ବଳିଆଙ୍କ ଶିକ୍ଷକ ଶ୍ରୀ କେଶବ ଚରଣ ସାସମଲଙ୍କୁ ଗୁରୁ ପ୍ରଣାମ ସମ୍ମାନ-୨୦୨୫ ପ୍ରଦାନ କରାଯିବ। ଶ୍ରୀମଦ୍ ବାବା ବଳିଆଙ୍କ ଉପସ୍ଥିତିରେ ୨୦୨୫ ଜାନୁଆରୀ ୬ ତାରିଖ ପୂର୍ବାହ୍ନରେ ଏକ ମନୋଜ୍ଞ ଉତ୍ସବରେ ରବୀନ୍ଦ୍ର ମଣ୍ଡପଠାରେ ଗୁରୁ ପ୍ରଣାମ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ। ଆଜିର ଚୟନ କମିଟିରେ ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର, ଡଃ ବଦ୍ରୀନାଥ ପଟ୍ଟନାୟକ, ପ୍ରଫେସର ଡଃ ଯୁଧିଷ୍ଠିର ଖଟୁଆ, ବାବା ପ୍ରଣବାନନ୍ଦ ଦାସ (ମନୁଭାଇ) ପ୍ରଫେସର ଡଃ ମଧୁସ୍ମିତା ସାହୁ ଉପସ୍ଥିତ ଥିଲେ ବୋଲି ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଶିମିଳିପାଳର ସୁରକ୍ଷା ଚିନ୍ତା: ନିୟୋଜିତ ହେବେ ସଶସ୍ତ୍ର ପୋଲିସ

## ଗଠନ ହେବ ୧୩୧ ଜଣିଆ ଡେଡିକେଟେଡ ଆର୍ମଡ ପୋଲିସ ରିଜର୍ଭ କମ୍ପାନୀ

**ବାରିପଦା,୧୯/୧୨ ନ୍ୟୁଜ ବ୍ୟୁରୋ**
ଦୀର୍ଘ ବର୍ଷର ଦାବି ପରେ ଶିମିଳିପାଳକୁ ସୁରକ୍ଷିତ ରଖିବାକୁ ପ୍ରୟାସ ଆରମ୍ଭ ହେବାକୁ ଯାଉଛି । ଶିମିଳିପାଳକୁ ସଶସ୍ତ୍ର ପୋଲିସ ବାହିନୀ ଜଗିବେ ବୋଲି ଖବର ବନ୍ୟ ଓ ପରିବେଶ ପ୍ରେମୀଙ୍କୁ ବେଶ୍ ଆନନ୍ଦ ଦେଇଛି । ସୂଚନା ମୁତାବକ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଚତୁଃପାର୍ଶ୍ୱରେ ପଇଁତରା ମାରିବା ପାଇଁ ଗୋଟିଏ କମ୍ପାନୀ ସଶସ୍ତ୍ର ପୁଲିସ ନିୟୋଜିତ ହେବେ । ଏଥିପାଇଁ ସ୍ୱତନ୍ତ୍ର ଭାବେ ୧୩୧ ଜଣିଆ ଏକ ସମର୍ପିତ ସଶସ୍ତ୍ର ବା ଡେଡିକେଟେଡ ଆର୍ମଡ ପୋଲିସ ରିଜର୍ଭ କମ୍ପାନୀ ଗଠନ ହେବ । ଏଥିପାଇଁ ଆକାଉଣ୍ଟ ଜେନେରାଲଙ୍କୁ ଚିଠି ଲେଖିଛନ୍ତି ଗୃହ ସଚିବ ସତ୍ୟବ୍ରତ ସାହୁ । ତିଆରି ହେବାକୁ ଥିବା ଏହି କମ୍ପାନୀରେ ଜଣେ କମାଣ୍ଡାଣ୍ଟ, ଜଣେ ଇନ୍ସପେକ୍ଟର, ୩ ଜଣ ସବ୍ ଇନ୍ସପେକ୍ଟର, ୩ ଜଣ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର, ୩୦ ଜଣ ହାବିଲଦାର, ୩ ଜଣ ଡ୍ରାଇଭର ହାବିଲଦାର, ୮୭ ଜଣ ସିପାହୀ ଓ ୩ ଜଣ ଡ୍ରାଇଭର ରହିବେ । ମୟୂରଭଞ୍ଜ ଏସ୍‌ପି ଏହାର ପ୍ରଶାସନିକ ଦାୟିତ୍ୱରେ ରହିବେ । ଏହି କମ୍ପାନୀର ସମସ୍ତ ଖର୍ଚ୍ଚ ଜଙ୍ଗଲ ଓ ପରିବେଶ ବିଭାଗ ବହନ କରିବେ । କୌଣସି



ଅଭୟାରଣ୍ୟ ସୁରକ୍ଷା ପାଇଁ ଗୋଟେ କମ୍ପାନୀ ଆର୍ମଡ ପୋଲିସ ନିୟୋଜିତ ହେବା ଦେଶରେ ପ୍ରଥମ ଘଟଣା ବୋଲି କୁହାଯାଉଛି । ଶିକାରୀଙ୍କ ଗୁଳିରେ ୨ବନ କର୍ମଚାରୀଙ୍କ ମୃତ୍ୟୁ ପରେ ତତ୍କାଳୀନ ନବୀନ ସରକାର ପୁଲିସ ଓ ବନକର୍ମଚାରୀଙ୍କୁ ନେଇ ଯୁଗ୍ମ ଟାସ୍କଫୋର୍ସ (ଜେଟିଏଫ) ଗଠନ କରି ୧୦୦ଜଣିଆ ସଶସ୍ତ୍ର ପୁଲିସ ବାହିନୀ ମୁତୟନ କରିଥିଲେ। ଏହାପରେ ଶିମିଳିପାଳରେ ବ୍ୟାପକ ସର୍ଚ୍ଚ ଅପରେସନ ଜାରି ପରେ ଶତାଧିକ ବନ୍ଧୁକ, ମାରଣାସ୍ତ୍ର ଜବତ ସହିତ ବହୁ ସଂଖ୍ୟାରେ ଶିକାରୀ ମଧ୍ୟ ଗିରଫ ହୋଇଥିଲେ। ତେବେ ମୋହନ ସରକାର ଦାୟିତ୍ୱ ନେବା ପରେ ୧୦୦ଜଣିଆ ସଶସ୍ତ୍ର ପୁଲିସ ବଳକୁ ପ୍ରତ୍ୟାହାର କରିନେଇଥିଲେ। ଏନେଇ ରାଜ୍ୟସଭାରେ ବିଜେଡି ସାଂସଦ ଡ ସସ୍ମିତ ପାତ୍ର କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିବା ପରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମାତ୍ର ୩୪ଜଣ ବନକର୍ମଚାରୀ ବାଘ ସୁରକ୍ଷାରେ ନିୟୋଜିତ ବୋଲି ସେ ଉତ୍ତର ରଖିଥିଲେ । ଅପରପକ୍ଷରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ମଧ୍ୟ ପୋଲିସ ବଳ ପ୍ରତ୍ୟାହାର ପରେ ପୁନର୍ବାର ମୁତୟନ ପାଇଁ ପତ୍ର ଲେଖିଥିଲେ । ବର୍ତ୍ତମାନ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ସର୍ବାଧିକ ବାଘ ଥିବା ବେଳେ ୧୪ଟି କଳାବାଘ ଅଛନ୍ତି । ସେପଟେ ଆନୁବଂଶିକ ମିଟିଂଙ୍କୁ ରୋକି ବାଘ ବଂଶ ବୃଦ୍ଧି ପାଇଁ ମହାରାଷ୍ଟ୍ରର ତଡବା ଅନ୍ଧାରୀ ବ୍ୟାଘ୍ର ପ୍ରକଳ୍ପରୁ ଦୁଇଟି ବାଘୁଣୀ ଶିମିଳିପାଳକୁ ଆସିଛନ୍ତି । ତେବେ ଶିମିଳିପାଳ ସୁରକ୍ଷା ନେଇ ଦେଶ ବିଦେଶରେ ଚର୍ଚ୍ଚା ହେଉଥିବା ବେଳେ ବାଘ ବଂଶ ବୃଦ୍ଧି ପାଇଁ ଶିମିଳିପାଳ ପ୍ରକୃଷ୍ଟ ସ୍ଥାନ ବୋଲି ଏନଟିସିଏ କହିଛି । ସେପଟେ ଏଆଇ କ୍ୟାମେରା ଜରିଆରେ ଶିକାରୀଙ୍କୁ ଖୋଜି ଖୋଜି ଧରା ଯାଉଥିବା ବେଳେ ଶିମିଳିପାଳରେ ସଶସ୍ତ୍ର ପୋଲିସ ବାହିନୀ ମୁତୟନ ହେଲେ ବନ୍ୟଜନ୍ତୁ ଓ ଜୈବ ବିବିଧତା ସୁରକ୍ଷିତ ରହିବ । କାଠ ମାଫିଆ ଓ ଶିକାରୀଙ୍କ ଉପରେ ଲଗାମ ଲାଗିବ । ଏଥି ସହିତ ମଣିଷ କୃତ ବନାଗ୍ନି ଭୟ ମଧ୍ୟ କମିବ ।

# ଇସ୍ପାତ ଶିଳ୍ପର ପରିବହନ ଆବଶ୍ୟକତା ଏବଂ ସହଯୋଗ ବୃଦ୍ଧି ପାଇଁ ପୂର୍ବତଟ ରେଳପଥ ପକ୍ଷରୁ କର୍ମଶାଳା ଆୟୋଜନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଇସ୍ପାତ ଶିଳ୍ପର ଦକ୍ଷତା ଏବଂ କାର୍ଯ୍ୟରେ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ, ପୂର୍ବତଟ ରେଳପଥ (ଇକୋର) ଇସ୍ପାତ କ୍ଷେତ୍ରର ବିକାଶମୂଳକ ଆବଶ୍ୟକତାକୁ ଆକଳନ କରିବା ପାଇଁ ଡିସେମ୍ବର ୧୯, ୨୦୨୪ ରେ ଏହାର ମୁଖ୍ୟାଳୟ, ରେଳ ସଦନ ଠାରେ ଏକ ବ୍ୟାପକ କର୍ମଶାଳା ଆୟୋଜନ କରିଥିଲା । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କଓ୍ୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଇସ୍ପାତ ଉତ୍ପାଦନକାରୀଙ୍କ ପ୍ରତିନିଧୀ, ଲଜିଷ୍ଟିକ୍ ବିଶେଷଜ୍ଞ ଏବଂ ରେଳ ବୋର୍ଡ ଏବଂ ଅନୁସନ୍ଧାନ ଡିଜାଇନ୍ ଏବଂ ମାନକ ସଂଗଠନ (ଆରଡିଏସଓ) ର ପ୍ରତିନିଧୀମାନେ ଯୋଗ ଦେଇଥିଲେ । ପରିବହନ ସାମଗ୍ରୀ ସହିତ ଜଡିତ ଆହ୍ୱାନର ମୁକାବିଲା, କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ଇସ୍ପାତ ପରିବହନ ସାମଗ୍ରୀର ସୁରକ୍ଷାକୁ ବୃଦ୍ଧି କରାଇବା ପାଇଁ ଇସ୍ପାତ ଶିଳ୍ପ ଏବଂ ରେଳବାଇ ମଧ୍ୟରେ ଘନିଷ୍ଠ ସହଯୋଗ ବୃଦ୍ଧି କରିବାକୁ ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା । କର୍ମଶାଳାର ମୁଖ୍ୟ ବିଷୟବସ୍ତୁ: ୦୧. ଅଭିନବ ୱାଗନ୍ ଡିଜାଇନ୍: ଆଲୋଚନାର ଏକ ମୁଖ୍ୟ ବିଷୟ ହେଲା କାର୍ଯ୍ୟସଂପନ୍ନ କ୍ଷେତ୍ରରେ ଉନ୍ନତ କରିବା, ମୂଲ୍ୟ-ଦକ୍ଷତା ବୃଦ୍ଧି ଏବଂ ବିଭିନ୍ନ ପ୍ରକାରର ଇସ୍ପାତ ଦ୍ରବ୍ୟ ପରିଚାଳନା ପାଇଁ ୱାଗନଗୁଡ଼ିକୁ ବହୁମୁଖୀ କରିବା ପାଇଁ ନୂତନ ୱାଗନ୍ ଡିଜାଇନଗୁଡ଼ିକର ଅନୁସନ୍ଧାନ ଓ ନିର୍ମାଣ କରିବା । ୦୨. ଗମନାଗମନ ସମୟରେ ଇସ୍ପାତକୁ ସୁରକ୍ଷିତ କରିବା: ଇସ୍ପାତର ସୁଗମ ଏବଂ ନିରାପଦ ପରିବହନ ପାଇଁ ଚାହିଦା ବୃଦ୍ଧି କରାଇବା ସହିତ କର୍ମଶାଳା ସୁରକ୍ଷା ବ୍ୟବସ୍ଥାକୁ ଉନ୍ନତି କରାଇବା ଏବଂ ଗମନାଗମନ ସମୟରେ କ୍ଷୟ କ୍ଷତି ହ୍ରାସ କରିବା ପାଇଁ ରଣନୀତି ଉପରେ



ଧ୍ୟାନ ଦିଆଯାଇଥିଲା ଯାହା ସୁନିଶ୍ଚିତ କରେ ଯେ ପରିବହନ ସାମଗ୍ରୀ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିବ । ୦୩. ଇଣ୍ଡଷ୍ଟ୍ରି ଫିଡବ୍ୟାକ୍ ଏବଂ ଓପନ୍ ଫୋରମ୍: ଟାଟା ଷ୍ଟିଲ୍ ଲିମିଟେଡ୍, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍, ଘଗଉଡ ଷ୍ଟିଲ୍ ଲିମିଟେଡ୍, ଜିନ୍ଦଲ ଷ୍ଟିଲ୍ ଏବଂ ପାୱାର୍ ଲିମିଟେଡ୍, ରାଷ୍ଟ୍ରିୟ ଇସ୍ପାତ ନିଗମ ଲିମିଟେଡ୍, ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡ୍ ଏବଂ ଟିଏମ୍ ଇଣ୍ଟରନ୍ୟାସନାଲ ଲଜିଷ୍ଟିକ୍ସ ସହିତ ଇସ୍ପାତ ନିର୍ମାତାମାନେ ସକ୍ରିୟ ଭାବରେ ଏହି ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ ଯେଉଁଠାରେ ସେମାନେ କାର୍ଯ୍ୟକ୍ଷମ ଆହ୍ୱାନ ଗୁଡିକର ମତାମତ ଆଦାନ ପ୍ରଦାନ କରିଥିଲେ ଏବଂ ରେଳ ସଂଯୋଗ ଏବଂ ସେବାରେ ଉନ୍ନତି ଆଣିବା ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଇସ୍ପାତର ବୃଦ୍ଧି ପାଉଥିବା ଚାହିଦାକୁ ପୂରଣ କରିବା ଏବଂ ଠିକ୍ ସମୟରେ ବିତରଣ ସୁନିଶ୍ଚିତ କରିବା ପାଇଁ ରେଳବାଇ ଏବଂ ଇସ୍ପାତ କ୍ଷେତ୍ର ମଧ୍ୟରେ ଦୃଢ଼ ସହଭାଗୀତାର ବିଷୟବସ୍ତୁ ଉପରେ ଗୁରୁତ୍ୱାରୋପ କରିଥିଲେ । ପୂର୍ବତଟ ରେଳପଥ ଅଧୀନରେ ଥିବା ଲୋଡିଂ, ଅନଲୋଡିଂ ଏବଂ ୱାଗନ୍ ଟର୍ଣ୍ଣଏରାଉଣ୍ଡ ସମୟ ଭଳି ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା, ସୁଗମ କାର୍ଯ୍ୟକୁ ସୁନିଶ୍ଚିତ କରିବା ଏବଂ ବିଳମ୍ବକୁ ହ୍ରାସ କରିବା ପାଇଁ ପୂର୍ବତଟ ରେଳପଥର ପ୍ରତିବଦ୍ଧତା ଉପରେ ଏହି ବୈଠକରେ ଆଲୋକପାତ କରାଯାଇଛି। ମୁଖ୍ୟ ଫଳାଫଳ ଏବଂ ଭବିଷ୍ୟତ ଯୋଜନା: ଉନ୍ନତ ସମନ୍ୱୟ: ଇସ୍ପାତ କାରଖାନା, ରେଳ ନେଟୱାର୍କ ଏବଂ ରାଜ୍ୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦିଆଯିବ ଯାହା ଜଟିଳ ପ୍ରକଳ୍ପଗୁଡିକ ପାଇଁ ଅନୁମୋଦନକୁ ତ୍ୱରାନ୍ୱିତ କରିବ । ନିରାପତ୍ତା ଏବଂ ଦକ୍ଷତା: ନିରାପତ୍ତା ପଦକ୍ଷେପଗୁଡିକର ଉନ୍ନତି ଏବଂ ଇସ୍ପାତ ଶିଳ୍ପ ପାଇଁ ଦକ୍ଷ ଗମନାଗମନ ସମାଧାନ ସୁନିଶ୍ଚିତ କରିବାକୁ ନିରନ୍ତର ଧ୍ୟାନ ଦିଆଯିବ । ଅଭିବୃଦ୍ଧି ପାଇଁ ପ୍ରତିବଦ୍ଧତା: ପୂର୍ବତଟ ରେଳପଥ ଇସ୍ପାତ କ୍ଷେତ୍ରର କାର୍ଯ୍ୟକ୍ଷମ ଆବଶ୍ୟକତା ପୂରଣ କରିବା ଏବଂ ଭିତ୍ତିଭୂମି ବିକାଶ ତଥା ଦକ୍ଷ ପରିବହନ ସମାଧାନ ମାଧ୍ୟମରେ ଏହାର ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ଉତ୍ସର୍ଗୀକୃତ । ପୂର୍ବତଟ ରେଳପଥର ଏକ ସହଯୋଗୀ ତଥା ସ୍ୱଚ୍ଛ ପରିବେଶ ସୃଷ୍ଟି ପାଇଁ ଚାଲିଥିବା ପ୍ରୟାସରେ ଏହି କର୍ମଶାଳା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଚିହ୍ନିତ ହୋଇଛି ଯାହା ଉଭୟ ରେଳ ଏବଂ ଇସ୍ପାତ କ୍ଷେତ୍ର ପାଇଁ ଲାଭଦାୟକ ଅଟେ। ଅଭିନବ ସମାଧାନ ଏବଂ ନିରନ୍ତର ସଂଳାପ ମାଧ୍ୟମରେ ଇସ୍ପାତ ଶିଳ୍ପର ଆବଶ୍ୟକତାକୁ ସମାଧାନ କରି ପୂର୍ବ ତଟ ରେଳ ଏହି ଅଞ୍ଚଳରେ ଭବିଷ୍ୟତର ଅଭିବୃଦ୍ଧି ଏବଂ ସଫଳତା ପାଇଁ ମଞ୍ଚ ସ୍ଥିର କରୁଛି । ପୂର୍ବତଟ ରେଳପଥ ଭାରତର ୧୭ ଟି ରେଳ ଜୋନ୍ ମଧ୍ୟରୁ ଅନ୍ୟତମ, ଯାହା ପୂର୍ବାଞ୍ଚଳରେ ଟ୍ରେନ୍ ଏବଂ ସାମଗ୍ରୀ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଅଛି । ପରିବହନ ସେବାରେ ଉନ୍ନତି ଆଣିବା, ନିରାପତ୍ତାକୁ ବୃଦ୍ଧି କରାଇବା ଏବଂ ସାମଗ୍ରୀର ଦକ୍ଷ ତଥା ସମୟାନୁବର୍ତ୍ତୀ ପରିବହନ ସୁନିଶ୍ଚିତ କରିବା ପାଇଁ ଏହା ପ୍ରତିବଦ୍ଧ, ବିଶେଷକରି ଇସ୍ପାତ ପରି କ୍ଷେତ୍ରଗୁଡିକ ଯାହା ଏହି ଅଞ୍ଚଳର ଅର୍ଥନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।

# ୧୭୦ ରୋଡ୍ ଓଭର ବ୍ରିଜ୍ ପ୍ରକଳ୍ପ ପୂର୍ବତଟ ରେଳପଥର ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବେ ଅନୁମୋଦିତ

**ଭୁବନେଶ୍ୱର,୧୯/୧୨ନ୍ୟୁଜ ବ୍ୟୁରୋ**
ଭିତ୍ତିଭୂମି ତଥା ଜନସାଧାରଣଙ୍କ ନିରାପତ୍ତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ (ଇକୋର) ଶ୍ରୀ ପରମେଶ୍ୱର ଫୁଙ୍କୱାଲ ରେଳବାଇ (ସଂଶୋଧନ) ଅଧିନିୟମ ୨୦୦୮ ଅନୁଯାୟୀ ୧୭୦ ଗୋଟି ରୋଡ୍ ଓଭର ବ୍ରିଜ୍ (ଆରଓବି)ନିର୍ମାଣ ପ୍ରକଳ୍ପକୁ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବରେ ଘୋଷଣା କରିବାକୁ ଅନୁମୋଦନ କରିଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପଗୁଡିକର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବାକୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସ୍ଥିର ହୋଇଛି, ଯାହା ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବାରେ ଏବଂ ଶୀଘ୍ର ଅନୁମୋଦନକୁ ସକ୍ଷମ କରିବାରେ ସାହାଯ୍ୟ କରିବ । ଏହି ପ୍ରକଳ୍ପଗୁଡିକୁ ସ୍ୱତନ୍ତ୍ର ରେଳ ପ୍ରକଳ୍ପ



ଭାବରେ ଡିଜାଇନ୍ କରି, ପୂର୍ବତଟ ରେଳପଥ ରାଜ୍ୟ କର୍ତ୍ତୃପକ୍ଷଙ୍କ ସହିତ ସମନ୍ୱୟକୁ ସୁଗମ କରିବା, ଠିକ୍ ସମୟରେ ସମାପ୍ତି ସୁନିଶ୍ଚିତ କରିବା ଏବଂ ସାମଗ୍ରିକ କାର୍ଯ୍ୟକ୍ଷମତା ବୃଦ୍ଧି କରିବା ଲକ୍ଷ୍ୟ ରଖିଛି । ୧୭୦ ଗୋଟି ପ୍ରକଳ୍ପ ମଧ୍ୟରୁ ୧୧୦ ଗୋଟି ପ୍ରକଳ୍ପ ଓଡ଼ିଶାରେ ଥିବାବେଳେ ୬୦ ଗୋଟି ପ୍ରକଳ୍ପ ଆନ୍ଧ୍ରପ୍ରଦେଶରେ ଅବସ୍ଥିତ । ଏହି ରୋଡ୍ ଓଭର ବ୍ରିଜ୍ ଆରଓବି ଗୁଡିକ କେବଳ ରେଳ ଭିତ୍ତିଭୂମିରେ ଉନ୍ନତି ଆଣିବ ନାହିଁ ବରଂ ଉଭୟ ସଡକ ଏବଂ ରେଳ ବ୍ୟବହାରକାରୀଙ୍କ ସୁରକ୍ଷା ଏବଂ ସୁବିଧାକୁ ମଧ୍ୟ ଯଥେଷ୍ଟ ବୃଦ୍ଧି କରିବ। ମାନବରହିତ ଲେଭଲ କ୍ରସିଂଗୁଡିକ ବିଲୋପ କରିବା ଦ୍ୱାରା ଦୁର୍ଘଟଣାର ଆଶଙ୍କା ହ୍ରାସ ପାଇବ, ଟ୍ରାଫିକ୍ ପ୍ରବାହକୁ ସୁଗମ କରିବାରେ ସହାୟକ ହେବ ଏବଂ ଟ୍ରେନ୍ ଚଳାଚଳର ଉନ୍ନତ ଗତିଶୀଳତା ପାଇଁ ଅନୁମତି ଦିଆଯିବ। ଏହି ପ୍ରକଳ୍ପଗୁଡିକ ଲେଭଲ୍ କ୍ରସିଂ ଗେଟ୍ ଗୁଡିକରେ ଟ୍ରାଫିକ୍ ସମସ୍ୟାକୁ ହ୍ରାସ କରି ସମଗ୍ର ଅଞ୍ଚଳରେ ନିରନ୍ତର ସଂଯୋଗକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି । ଜନସାଧାରଙ୍କ ନିରାପତ୍ତା ଏବଂ ଭିତ୍ତିଭୂମି ବିକାଶ ଉପରେ ଧ୍ୟାନ ଦେଇ, ୧୭୦ ଗୋଟି ରୋଡ୍ ଓଭର ବ୍ରିଜ୍ ପ୍ରକଳ୍ପ ଜନସାଧାରଣଙ୍କ କଲ୍ୟାଣକୁ ବୃଦ୍ଧି କରାଇବା ସହିତ ପରିବହନ ବ୍ୟବସ୍ଥାର ବିସ୍ତାର ଏବଂ ଆଧୁନିକୀକରଣର ଜାତୀୟ ଲକ୍ଷ୍ୟ ସହିତ ସମକକ୍ଷ ହେବ । ପୂର୍ବତଟ ରେଳପଥ ଆଞ୍ଚଳିକ ବିକାଶରେ ସହାୟକ ହେଉଥିବା ତଥା ଉଭୟ ସଡକ ଏବଂ ରେଳ ବ୍ୟବହାରକାରୀଙ୍କ ବୃଦ୍ଧି ପାଉଥିବା ଭିତ୍ତିଭୂମି ଆବଶ୍ୟକତାକୁ ସମାଧାନ କରିବାରେ ଉତ୍ସର୍ଗୀକୃତ ହୋଇ ରହିଥାଏ । ପରିବହନ କ୍ଷେତ୍ରରେ ଭିତ୍ତିଭୂମି ବୃଦ୍ଧି, ନିରାପଦ ତଥା ଦକ୍ଷ ରେଳ ସେବା ସୁନିଶ୍ଚିତ କରିବା ଏବଂ ପୂର୍ବାଞ୍ଚଳର ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିରେ ସହଯୋଗ କରିବାକୁ ପୂର୍ବତଟ ରେଳପଥ ସର୍ବଦା ପ୍ରତିବଦ୍ଧ ।

# ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ପାଲଲହଡ଼ାରେ 'କିଶୋରୀ ଏକ୍ସପ୍ରେସ' ଲୋକାର୍ପିତ



**ଅନୁଗୁଳ, ନ୍ୟୁଜ ବ୍ୟୁରୋ**
ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅଭିନ୍ନ ଅଙ୍ଗ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ୧୮ ତାରିଖରେ ଅନୁଗୁଳ ଜିଲ୍ଲା ପାଲଲହଡ଼ାରେ ଏହାର ଲୋକାଭିମୂଖୀ ପ୍ରକଳ୍ପ 'କିଶୋରୀ ଏକ୍ସପ୍ରେସ'ର ଶୁଭାରମ୍ଭ କରାଯାଇଛି । କିଶୋରୀମାନଙ୍କ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକର ସମ୍ବନ୍ଧୀୟ ସମସ୍ୟାର ସମାଧାନ ତଥା ବିଶେଷକରି ରକ୍ତହୀନତା ସମସ୍ୟା ଦୂର ଲକ୍ଷ୍ୟରେ ଏହି କିଶୋରୀ ଏକ୍ସପ୍ରେସ କାର୍ଯ୍ୟ କରି ଆସୁଛି । କିଶୋରୀ ଏକ୍ସପ୍ରେସରେ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଏକ ଟଚସ୍କ୍ରିନ କମ୍ପ୍ୟୁଟର, ରକ୍ତପରୀକ୍ଷା ଉପକରଣ, ଆଇଏଫଏ ବଟିକା, ସାନାଟାରୀ ପ୍ୟାଡ୍, ଲାନସେଟ୍ ଛୁଞ୍ଚି ଏବଂ ସ୍ୱାସ୍ଥ୍ୟ କର୍ମଚାରୀ ଉପଲବ୍ଧ ରହୁଛନ୍ତି । ଏହି 'କିଶୋରୀ ଏକ୍ସପ୍ରେସ'କୁ ମାନ୍ୟବର ପାଲଲହଡ଼ା ବିଧାୟକ ଶ୍ରୀ ଅଲୋକ ମହାନ୍ତି, ଅନୁଗୁଳ ଜିଲ୍ଲା ସିଡିଏମଓ ଆଣ୍ଡ ପିଏଚଓ ଡାକ୍ତର ଶିବାନନ୍ଦ ମହାନ୍ତି ଏବଂ ପାଲଲହଡ଼ା ଉପ-ଜିଲ୍ଲାପାଳ ସୁଶାନ୍ତ କୁମାର ପତି ଲୋକାର୍ପଣ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଅନ୍ତର୍ଯ୍ୟାମୀ ମିଶ୍ର, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡାକ୍ତର ପୂର୍ଣ୍ଣିମା ଉଦଗାତା, ପାଲଲହଡ଼ା ବ୍ଲକ ଅଧକ୍ଷା ଶ୍ରୀମତି ରୀନାରାଣୀ ନାୟକ, ପାଲଲହଡ଼ା ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତି ସାବିତ୍ରୀ ମାଝୀ, ପାଲଲହଡ଼ା ବିଡିଓ ନିଶାନ ମିଶ୍ର , ସୁପରିଟେଣ୍ଡେଣ୍ଟ ଏସଡିଏଚ ଆଣ୍ଡ ଏସଡିଏମଓ ଡ. ଜାମିନୀ ଭୂଷଣ ପଟ୍ଟନାୟକ, ସିଡିପିଓ ଶ୍ରୀମତି ବିଜୟ ଲକ୍ଷ୍ମୀ ମହାନ୍ତ, ଖମାର ବିପିଏଚଓ ଡାକ୍ତର ଶଶିକାନ୍ତ ବେହେରା, ପାଲଲହଡ଼ା ଏବିଇଓ, ବସନ୍ତ କୁମାର ସାସନି ଏବଂ ଜେଏସପି ଅନୁଗୁଳ ସିଏସଆର ମୁଖ୍ୟ ଶ୍ରୀ ଜୟନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅଶୋକ ମହାନ୍ତି ଜିନ୍ଦଲ ଫାଉଣ୍ଡେସନର ସମ୍ପ୍ରଦାୟ କଲ୍ୟାଣ ପାଇଁ ଦେଖାଇଥିବା ପ୍ରତିବଦ୍ଧତାକୁ ପ୍ରଶଂସା କରି କହିଛନ୍ତି, "କିଶୋରୀ ଏକ୍ସପ୍ରେସ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ସେବା ଆଣିବା ତଥା ଗ୍ରାମାଞ୍ଚଳର ଯୁବତୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହେବ" । କିଶୋରୀ ଏକ୍ସପ୍ରେସ ଜିନ୍ଦଲ ଫାଉଣ୍ଡେସନ୍ ଦ୍ୱାରା ଏକ ସହଯୋଗୀ ପ୍ରକଳ୍ପ ଯେଉଁଥିରେ ସ୍ୱାସ୍ଥ୍ୟ, ଆଇସିଡି ଏସ୍ ଏବଂ ଶିକ୍ଷା ବିଭାଗର ସହଯୋଗ ରହିଛି । ସଚେତନତା ଏବଂ ଶିକ୍ଷା ମାଧ୍ୟମରେ କିଶୋରୀମାନଙ୍କ ମଧ୍ୟରେ ରକ୍ତହୀନତାକୁ ଦୂର କରିବା ପାଇଁ ଏହା ଏକ ବ୍ୟାପକ ପଦକ୍ଷେପ। ଏହି ପ୍ରକଳ୍ପ ହେମୋଗ୍ଲୋବିନ ସ୍ତରର ଉନ୍ନତି ଏବଂ କିଶୋର ବାଳିକା ଏବଂ ସେମାନଙ୍କ ପିତାମାତାଙ୍କୁ ନିମ୍ନ ସ୍ତରର ହେମୋଗ୍ଲୋବିନ ବା ରକ୍ତହୀନତା ଦ୍ୱାରା ସୃଷ୍ଟି ହେଉଥିବା ଆହ୍ୱାନ ବିଷୟରେ ଶିକ୍ଷା ଦେବା ଉପରେ ଧ୍ୟାନ ଦେଇଥାଏ । ସେହିପରି ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ପଦକ୍ଷେପ ନେବାକୁ ଉତ୍ସାହିତ କରିଥାଏ। ଏହି ଭ୍ରାମ୍ୟମାଣ ଗାଡ଼ିରେ ସ୍ୱାସ୍ଥ୍ୟକର୍ମୀ ଓ ସହଯୋଗୀ କର୍ମଚାରୀ ରହି, ପାଲଲହଡ଼ା ବ୍ଲକର ୨୭ଟି ପଂଚାୟତର ସମସ୍ତ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ଭ୍ରମଣ କରିବେ ଏବଂ ଏହି ଟିମ ଯୋଜନାର କାର୍ଯ୍ୟକାରିତାକୁ ନିଶ୍ଚିତ କରିବା ସହ ଜିଲ୍ଲାସ୍ତରୀୟ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦେବେ । ଜିନ୍ଦଲ ଫାଉଣ୍ଡେସନ ଏହି 'କିଶୋରୀ ଏକ୍ସପ୍ରେସ' ପଦକ୍ଷେପ ମାଧ୍ୟମରେ ଭାରତର ୪ ଟି ରାଜ୍ୟରେ ଏପର୍ଯ୍ୟନ୍ତ ରକ୍ତହୀନତାର ବିଭିନ୍ନ ପର୍ଯ୍ୟାୟରେ ୭.୫ ଲକ୍ଷରୁ ଅଧିକ କିଶୋରୀ ଙ୍କ ହେମୋଗ୍ଲୋବିନ ସ୍ତରରେ ଉଲ୍ଲେଖନୀୟ ଉନ୍ନତି ଆଣିପାରିଛି।

# ସଂସଦରେ ଘଟିଥିବା ଘଟଣାର ସତ୍ୟାସତ୍ୟ ଲୋକଲୋଚନକୁ ଆସୁ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଗୁରୁବାର ସଂସଦରେ ଘଟିଥିବା ଘଟଣା ସଂସଦର ଗାରିମା କ୍ଷୁର୍ଣ୍ଣ କରିଥିବା ବେଳେ ଏହାର ସତ୍ୟାସତ୍ୟ ଲୋକଲୋଚନକୁ ଆସୁ ବୋଲି ବିଜୁ ଜନତା ଦଳ ତାର ପ୍ରତିକ୍ରିୟାରେ ଏକ ପ୍ରେସ ବିବୃତ୍ତିରେ କହିଛି । ବିଜୁ ଜନତା ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି କହିଛନ୍ତି, ଗଣତନ୍ତ୍ରର ମନ୍ଦିର ସ୍ୱରୂପ ସଂସଦର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ସମସ୍ତଙ୍କ କର୍ତ୍ତବ୍ୟ। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ। ଅହିଂସାର ଗୁରୁତ୍ୱ ଉପଲବ୍ଧି କରି ବିଜୁ ଜନତା ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକ ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦକୁ ରଖିବା ପାଇଁ ପ୍ରସ୍ତାବ ରଖିଛନ୍ତି। ଆଜି ସଂସଦରେ ଘଟିଥିବା ଘଟଣାର




ସତ୍ୟାସତ୍ୟ ଲୋକଲୋଚନକୁ ଆସିବା ଅତ୍ୟନ୍ତ ଜରୁରୀ। ଯେଉଁ ବ୍ୟକ୍ତି ଆଇନକୁ ଉଲଂଘନ କରିଛନ୍ତି ଆଇନ ଅନୁସାରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ। ଏହାକୁ ନେଇ କୌଣସି ରାଜନୀତି ହେବା ଉଚିତ ନୁହେଁ। ସାଂସଦ ହୁଅନ୍ତୁ କି ବିଧାୟକ ବା ରାଜ୍ୟପାଳଙ୍କ ପୁଅ, କେହି ଆଇନର ଉର୍ଦ୍ଧ୍ୱରେ ନୁହଁନ୍ତି।

## କେନ୍ଦୁଝର ସର୍କିଟ ହାଉସରେ ଲୋକଙ୍କ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ମୁଖ୍ୟମନ୍ତ୍ରୀ ଏବେ କେନ୍ଦୁଝର ଗସ୍ତରେ ଥିବା ବେଳେ ସେଠାରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏକ୍ସ ହ୍ୟାଣ୍ଡେଲରେ କହିଛନ୍ତି ଯେ, କେନ୍ଦୁଝର ସର୍କିଟ ହାଉସ ଠାରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଶୁଣିବା ସହ ସେମାନଙ୍କ ସମସ୍ୟାର ଯଥାଶୀଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଜ୍ୟର ଶିକ୍ଷା...

ଦରକାର। ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦୁଝରର ଏକ ଦୁର୍ଘଟଣା ପ୍ରବଣ ଅଞ୍ଚଳ ହୋଇଥିବାରୁ ଏଠାରେ ମେଡିକାଲ କଲେଜ ଓ ହସ୍ପିଟାଲରେ ଏକ ଟ୍ରମା କେୟାର ସ୍ଥାପନ କରାଯିବ। କେନ୍ଦୁଝରରେ ଏକ ବାଇପାସ ନିର୍ମାଣ କରାଯିବା ସହିତ ବୈତରଣୀ ନଦୀରେ ନିର୍ମିତ ହେଉଥିବା ବୃହତ ଜଳ ସେଚନ ପ୍ରକଳ୍ପ ଜୁନ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ସେ କହିଥିଲେ। ଉତ୍ତର ଓଡ଼ିଶାର ବିକାଶ ପାଇଁ ଖୁବଶୀଘ୍ର ଉତ୍ତର ଓଡିଶା ବିକାଶ ପରିଷଦ ଗଠନ କରାଯିବ। ଏଥିନେଇ ଏକ ଟାସ୍କଫୋର୍ସ ମଧ୍ୟ ଗଠନ କରାଯାଇଛି। ଏହା ଗଠନ ହେବା ଦ୍ୱାରା ସମ୍ପୂର୍ଣ୍ଣ ଉତ୍ତର ଓଡ଼ିଶାର ବିକାଶ ହୋଇପାରିବ। କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ଅନେକ ଉତ୍ଥାନ ପତନ ପରେ ଏହି ବିଦ୍ୟାଳୟ ଆଜି ହୀରକ ଜୟନ୍ତୀ ପାଳନ କରୁଛି । ଶିକ୍ଷାନୁଷ୍ଠାନକୁ ଆଗକୁ ବଢିବାରେ ଯେଉଁମାନେ ସହଯୋଗ କରିଥିଲେ ସେମାନଙ୍କୁ ଆଜି ସ୍ମରଣ କରିବାର ପ୍ରକୃଷ୍ଟ ସମୟ। ଶିକ୍ଷାର ବିକାଶ ହେଲେ ଦେଶର ବିକାଶ ହୋଇପାରିବ। କେବଳ ଶିକ୍ଷା ଗ୍ରହଣ କଲେ ହେବ ନାହିଁ, ଚରିତ୍ର ଗଠନ ମଧ୍ୟ ଆବଶ୍ୟକ ବୋଲି ସେ ମତଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ, ତେଲକୋଇ ବିଧାୟକ ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଶିକ୍ଷାବିତ ସତ୍ୟବ୍ରତ ପଣ୍ଡା, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ସାହୁ ଏବଂ ହୀରକ ଜୟନ୍ତୀ କମିଟିର ସଭାପତି ଗଙ୍ଗାଧର କର ଏବଂ ସମ୍ପାଦକ ସୁଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆବର୍ଷରୁ ...

ମହିଳାମାନେ ଯିବେ। ଏହା ପର ଲେନରେ ବରିଷ୍ଠ ନାଗରିକମାନଙ୍କୁ ଛଡାଯିବ। ବଳକା ତିନି ଲେନରେ ପୁରୁଷମାନେ ଯିବେ। ତାସହିତ ଯେଉଁ ମହିଳାମାନେ ରହିଁବେ ସେମାନେ ମଧ୍ୟ ଏହି ତିନି ଲେନରେ ଯାଇପାରିବେ। ଅନ୍ୟପକ୍ଷରେ ଗରୁଡ ସ୍ତମ୍ଭ ପଛ ପାଖରେ ଯେଉଁମାନେ ଦର୍ଶନ କରିବାକୁ ରହିଁବେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ର୍‌ୟାମ୍ପ ନିର୍ମାଣ କରାଯାଉଛି । ଅନ୍ୟପକ୍ଷରେ ର୍‌ୟାମ୍ପ ଓ ବ୍ୟାରିକେଡ୍ ବ୍ୟବସ୍ଥାର ରୂପରେଖ କିଭଳି ରହିବ, ଉଚ୍ଚତା କେତେ ଫୁଟ ରହିବ, କିଭଳି ଏହାକୁ ତୁରନ୍ତ କଢା ଯାଇପାରିବ ଏବଂ ଭୋଗମଣ୍ଡପ କରାଯିବ ତା ଉପରେ ବିସ୍ତୃତ ଆଲୋଚନା କରାଯିବା ନିହାତି ଆବଶ୍ୟକ ବୋଲି କହିଛନ୍ତି ପୂର୍ବତନ ପରିଚାଳନା କମିଟି ସଦସ୍ୟ।

## ସାଂସଦ ପ୍ରତାପ ଷଡଙ୍ଗୀଙ୍କ...

ହେଲେ ସେ ଯାହା କଲେ, ଗୋଟିଏ ସଭ୍ୟ ସମାଜରେ ଏହା ଗ୍ରହଣୀୟ ନୁହେଁ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି, 'ଯେତେବେଳେ ସଂସଦର ମକରଦ୍ୱାରରେ ବିଜେପି ସାଂସଦମାନେ ବିରୋଧ ପ୍ରଦର୍ଶନ କରୁଥିଲେ, ସେତେବେଳେ ରାହୁଲ ଗାନ୍ଧୀ ସେଠାକୁ ଆସିଥିଲେ। ସୁରକ୍ଷାକର୍ମୀମାନେ ଅନ୍ୟ ରାସ୍ତା ଦେଇ ଭିତରକୁ ଯିବା ପାଇଁ ତାଙ୍କୁ କହିଲେ। ହେଲେ ସେ ସେଠାକୁ ଉଦ୍ଦେଶ୍ୟମୂଳକ ଭାବେ ଗୁଣ୍ଡାଗର୍ଦ୍ଦି କରିବାକୁ ଆସିଥିଲେ। କଂଗ୍ରେସ ଓ ଅନ୍ୟ ଦଳର ସାଂସଦ ମାନେ ପ୍ରାୟ ସବୁଦିନ ସେହି ମକରଦ୍ୱାରରେ ବିରୋଧ ପ୍ରଦର୍ଶନ କରନ୍ତି । ଆମେ ସେମାନଙ୍କୁ କିଛି ନକହି ଅଲଗା ରାସ୍ତାରେ ସଂସଦ ଭିତରକୁ ଆସୁ । ହେଲେ ରାହୁଲ ଗାନ୍ଧୀ ଉଦ୍ଦେଶ୍ୟମୂଳକ ଭାବେ ବିଜେପି ସାଂସଦମାନଙ୍କୁ ଧକ୍କା ମାରି ହିଂସା ସୃଷ୍ଟି କରିବାକୁ ଆସିଥିଲେ ବୋଲି ଶ୍ରୀ ଚୌହାନ ଅଭିଯୋଗ କରିଥିଲେ।

## ରବିବାର ସକାଳ...

ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

୨୧ ତାରିଖ ସକାଳ ସାଢେ ୮ଟାରୁ ୨୨ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି ।

ଅନ୍ୟପକ୍ଷରେ ଆସନ୍ତା ୨୪ ଘଣ୍ଟା ପାଇଁ କୁହୁଡ଼ି ନେଇ ପାଣିପାଗ ବିଭାଗ ପକ୍ଷରୁ କୌଣସି ଚେତାବନୀ ଦିଆଯାଇ ନଥିବା ବେଳେ ଆଗାମୀ ୪ ଦିନ ଯାଏ ସର୍ବନିମ୍ନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି କୁହାଯାଇଛି। ଅର୍ଥାତ ଏହି ୪ ଦିନ ଶୀତର ପ୍ରକୋପ ସ୍ୱାଭାବିକ ରହିବ। ୨୨ ତାରିଖରୁ ପାଗ ବଦଳିବ ଓ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇବ।

ଗତ ୨୪ ଘଣ୍ଟାରେ ରାଉରେକେଲାରେ ସର୍ବନିମ୍ନ ତାପମାତ୍ରା ୮.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି ପାହାଡ଼ିଆ ଅଞ୍ଚଳ ଦାରିଙ୍ଗିବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୩.୫ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱରରେ ୨୦.୪ ଓ କଟକରେ ୧୮.୫ ରେ ଡିଗ୍ରୀ ରେକର୍ଡ କରାଯାଇଛି।

ଗଜପତି ଜିଲ୍ଲାରେ ସମୁଦାୟ 1479 ଟି ଗ୍ରାମ ରେ 8339 ଗୋଟି Functional Tubewell ରହିଅଛି | ସିଙ୍ଗଲ୍ ଗ୍ରାମ ସ୍କିମ ଏବଂ Solar PWS ସ୍କିମ୍ ମାଧ୍ୟମରେ 190 ଟି ଗ୍ରାମକୁ FHTC ଦ୍ୱାରା ଜଳ ଯୋଗାଣ କରାଯାଇଅଛି ଏବଂ 1289 ଟି ଗ୍ରାମ କୁ 6 ଟି ମେଗା ପାଇପ୍ ଜଳ ଯୋଗାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଅଛି । ସମସ୍ତ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟରତ ଅଛି | ୦୧ ଗୋଟି ମେଗା ସ୍କିମ ଆଂଶିକ ଭାବେ ଡ଼ିସେମ୍ବର ୨୦୨୪ ରୁ ମାର୍ଚ୍ଚ ୨୦୨୫ ରେ ସମ୍ପୂର୍ଣ ହେବ ପାଇଁ ଲକ୍ଷଧାର୍ଯ୍ୟ କରାଯାଇଅଛି , ୦୧ ଗୋଟି ମେଗା ସ୍କିମ ଜୁନ ୨୦୨୫ ରେ ଏବଂ ୦୪ ଗୋଟି ମେଗା ସ୍କିମ ଡ଼ିସେମ୍ବର ୨୦୨୫ ରେ ସମ୍ପୂର୍ଣ ହେବ ପାଇଁ ଲକ୍ଷଧାର୍ଯ୍ୟ କରାଯାଇଅଛି ।

ମିଶନ ଶକ୍ତି ବିଭାଗ ଦ୍ୱାରା ଓଡିଶା ଜୀବିକା ମିଶନ ଗଜପତି ଜିଲ୍ଲାର ସମସ୍ତ ୭ଟି ବ୍ଲକର ୧୪୯ ଗ୍ରାମପଞ୍ଚାୟତରେ କାର୍ଯ୍ୟକାରୀ ହେଉଅଛି । ୧୪୨ ଟି ଗ୍ରାମପଞ୍ଚାୟତ ସ୍ତରୀୟ ସଂଘ ଏବଂ ୧୪୧୩ ଟି ଆଞ୍ଚଳିକ ମଞ୍ଚ ଗଠନ କରାଯାଇ ତା ମାଧ୍ୟମରେ ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡିକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଅଛି । ମହିଳା ମାନଙ୍କୁ ସଶକ୍ତିକରଣ କରିବା ପାଇ ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା ୨୦୧୩ -୨୦୧୪ ପର୍ଯ୍ୟନ୍ତ ଆର୍ଥିକ ବର୍ଷରେ ୧୫୭ ଟି କୁକୁଡ଼ା ପାଳନ କ୍ଲଷ୍ଟର , ୧୩୯ ଟି ଛେଳିପାଳନ କ୍ଲଷ୍ଟର ,୭ ଟି ଫୁଲଚାଷ କ୍ଲଷ୍ଟର , ୧୩୦ ଟି ମହୁଚାଷ କ୍ଲଷ୍ଟର , ୪୯ ଟି ଛତୁ ଚାଷ କ୍ଲଷ୍ଟର , 5ଟି ମାଛଚାଷ କ୍ଲଷ୍ଟର ,3ଟି ଜୈବିକ ଚାଷ କ୍ଲଷ୍ଟର ଗଠନ କରାଯାଇଅଛି । ମହିଳା ଏବଂ ଶିଶୁମାନଙ୍କର ପୁଷ୍ଟିହୀନତା ଦୂର କରିବା ପାଇଁ ୧୧୯୬୨ ଟି ମୋ ଉପକାରୀ ବଗିଚା ସୃଷ୍ଟି କରାଯାଇଅଛି । ବିନା ସୁଧରେ ୩୭୦୦ ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବିଭିନ୍ନ ଜୀବିକା କରିବା ପାଇଁ ୭୬୮୩ ଲକ୍ଷ ଟଙ୍କା ବ୍ୟାଙ୍କ ଋଣ ପ୍ରଦାନ କରାଯାଇଅଛି / ୫୪୩ ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଅବର୍ତନ ପାଣ୍ଠି ପ୍ରଦାନ କରାଯାଇଅଛି । ୩ ଟି ୱାନ ଷ୍ଟପ ଫାସିଲିଟି କେନ୍ଦ୍ର ଦ୍ୱରା ୭୪୬ ଜଣ ସ୍ୱୟଂ ସହାୟିକା ଦଳର ମହିଳାଙ୍କୁ ଅଣ କୃଷିଭିତ୍ତିକ କାମ କରିବା ପାଇଁ ୩ କୋଟି ଋଣ ପ୍ରଦାନ କରାଯାଇଅଛି । ୩୧୭୬୧ ଜଣ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ସେମାନଙ୍କୁ ଲକ୍ଷପତି ଦିଦି ରେ ଅନ୍ତରଭୂତ କରି ତାଲିମ ପ୍ରଦାନ କରାଯାଉଛି ।

ଭୁବନେଶ୍ୱର
୨୦ ଡିସେମ୍ବର
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

# ଆନନ୍ଦ ବଜାର ସଂସ୍କାର: ୨୫ ସୁଦ୍ଧା ସୁଆର ସେବକଙ୍କ ସହାୟକ ପିନ୍ଧିବେ ସ୍ୱତନ୍ତ୍ର ଗଞ୍ଜି

**ପୁରୀ,୧୯/୧୨ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ଆନନ୍ଦ ବଜାରରେ ସଂସ୍କାର ଆଣିବାକୁ ଶ୍ରୀମନ୍ଦିର ପ୍ରଶାସନ ସୁଆର ସେବକଙ୍କ ସହାୟକଙ୍କୁ ସ୍ୱତନ୍ତ୍ର ପୋଷାକ ପିନ୍ଧାଇବାକୁ ପଦକ୍ଷେପ ନେଇଛି । ଆନନ୍ଦ ବଜାରରେ ଦୋକାନ କରିଥିବା ସୁଆର ସେବକମାନେ ଜଣେ ଲେଖାଏଁ ସହାୟକଙ୍କୁ ନିଯୁକ୍ତ କରିପାରିବେ । ଏହାକୁ ଅନୁମତି ଦେବାକୁ ପ୍ରଶାସନ ପ୍ରସ୍ତୁତି କରୁଛି । ଏଥିନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁଆରମାନଙ୍କୁ ନିଯୁକ୍ତ କରୁଥିବା ସହାୟକଙ୍କ ନାମ, ଠିକଣା ସହ ବିସ୍ତୃତ ପରିଚୟ ମଗାଯାଇଛି । ଆସନ୍ତା ୨୨ ତାରିଖ ସୁଦ୍ଧା ଏହି ତଥ୍ୟ ଦେବା ପରେ ୨୫ ତାରିଖ ସୁଦ୍ଧା ଏହାକୁ ଯାଞ୍ଚ କରି ସହାୟକଙ୍କୁ ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ଗଞ୍ଜି ଓ ପରିଚୟପତ୍ର ଯୋଗାଇ ଦେବ। ସହାୟକମାନେ ଆନନ୍ଦ ବଜାରରେ ଅବଢ଼ା ବିକ୍ରିରେ ସହାୟତା କରିବା ବେଳେ ଏହି ଗଞ୍ଜି ଓ ପରିଚୟପତ୍ର ବ୍ୟବହାର କରିବେ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦ ବଜାରରେ ଶୃଙ୍ଖଳା ଆଣିବାକୁ ବିଭାଗୀୟ ତତ୍ପରତା ପ୍ରକାଶ ପାଇଥିବା ଜଣାପଡ଼ିଛି। ଅନ୍ୟପଟେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କରାଯାଉଥିବା ଏହି ପୋଷାକକୁ ନେଇ ଅସନ୍ତୋଷ



ପ୍ରକାଶ ପାଇଛି। ଅନ୍ନ ମହାପ୍ରସାଦ ଦୋକାନ ପାଇଁ କମଳା ରଙ୍ଗ ଓ ଛପନ ଭୋଗ ବା ଶୁଖିଲା ମହାପ୍ରସାଦ ଦୋକାନ ପାଇଁ ସବୁଜ ରଙ୍ଗର ଡ୍ରେସ୍ କୋର୍ଡ(ଗଞ୍ଜି) ହୋଇଛି। ଶୁଖିଲା ଦୋକାନ ପାଇଁ ୨ ଜଣ ସହଯୋଗୀଙ୍କୁ ନିଯୁକ୍ତ କରାଯିବାକୁ ଅନୁମତି ଦିଆଯାଉ ବୋଲି ସୁଆର ମହାସୁଆର ନିଯୋଗ ପ୍ରଶାସନକୁ ଜଣାଇଛି । ଅନ୍ୟପଟେ ପାରମ୍ପରିକ ପୋଷାକକୁ ଭୁଲି ଶ୍ରୀମନ୍ଦିର ପ୍ରଶାସନ ଏବେ ଅତ୍ୟାଧୁନିକ ଗଞ୍ଜିକୁ ଡ୍ରେସ୍ କୋର୍ଡ କରିବା ବୁଦ୍ଧିଜୀବୀଙ୍କୁ ହତବାକ୍ କରିଛି। ଅନ୍ୟପଟେ ଖେଇକୁ ପାଳିଆ ସେବକମାନଙ୍କ ଦ୍ୱାରା ବିକ୍ରି ନକରି ସୁଆରମାନେ ନିଜେ ବିକ୍ରି କରନ୍ତୁ ପ୍ରଶାସନିକ ବୈଠକରେ କୁହାଯିବା ଆଉ ଏକ ଅସନ୍ତୋଷର ବିଷୟ ହୋଇଛି । ସେହିପରି ପସରତିଆଙ୍କୁ ବାଦ୍ ନଦେଇ ସେମାନଙ୍କ ପାଇଁ ଡ୍ରେସ୍ କୋର୍ଡ କରିବାକୁ ମଧ ଦାବି ଉଠିଛି । ଯାହାକୁ ନେଇ ସୁଆର ସେବକଙ୍କ ଭିତରେ ଭିତିରି ଅସନ୍ତୋଷ ଦେଖାଦେଇଛି। ଆନନ୍ଦ ବଜାରରେ ବାସି ଓ ନଷ୍ଟ ହୋଇଯାଇଥିବା ଅବଢ଼ା ବିକ୍ରି ବନ୍ଦ ସାଙ୍ଗକୁ ଠାକୁରଙ୍କ ନିକଟରେ ଭୋଗ ଲାଗୁ ନଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀ ଆନନ୍ଦ ବଜାରରେ ପ୍ରଶାସନ ପକ୍ଷରୁ ବିକ୍ରି ବନ୍ଦ ପରେ ଏବେ ସୁଆରସେବକଙ୍କ ଅସନ୍ତୋଷ ବଢ଼ିଛି।

## ରତ୍ନଭଣ୍ଡାର ମରାମତି କାମର ୨ୟ ଦିନ କାନ୍ଥରୁ ଛଡ଼ାଗଲା ପ୍ଲାଷ୍ଟର

**ପୁରୀ ୧୯।୧୨ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟର ଦ୍ୱିତୀୟ ଦିନ। ଗୁରୁବାର ରତ୍ନଭଣ୍ଡାର କାନ୍ଥରୁ ପ୍ଲାଷ୍ଟର ଛଡାଯାଇଛି। ପ୍ଲାଷ୍ଟର ଛଡାଯିବା କାର୍ଯ୍ୟ ଶେଷ ହେବା ପରେ ନଷ୍ଟ ହୋଇଯାଇଥିବା ଲୁହା ବିମ୍ ଓ ପଥର ବଦଳାଯିବ। ଏହା ବଦଳରେ ନୂଆ ଲୁହା ବିମ୍ ଓ ପଥର ଲଗାଯିବ। ଠାକୁରଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ଶେଷ ପରେ ଏଏସଆଇ ପକ୍ଷରୁ ଏହି କାର୍ଯ୍ୟ କରାଯିବ। ସେପଟେ ରତ୍ନଭଣ୍ଡାର ମରାମତି ସମୟରେ ଭିତର ଦର୍ଶନ ବନ୍ଦ ରହିବ। ବାହାର କାଠ ନିକଟରୁ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିବେ। ମଙ୍ଗଳବାର ଏଏସଆଇ ଭିତର ରତ୍ନଭଣ୍ଡାରରେ ଲୁହା ଭାରା ବନ୍ଧା କାର୍ଯ୍ୟ ଆରମ୍ଭ କରିଥିଲା। ବୁଧବାର ଦିବା ପହୁଡ଼ ନୀତି ଯୋଗୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିଥିଲା ।

# ଦିଲ୍ଲୀ-ରାଜସ୍ଥାନ ଗସ୍ତରେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର ୧୯।୧୨ ନ୍ୟୁଜ ବ୍ୟୁରୋ**



ଦିଲ୍ଲୀ ଏବଂ ରାଜସ୍ଥାନ ଗସ୍ତରେ ଗଲେ ମୁଖ୍ୟମନ୍ତ୍ରୀ । ଗୁରୁବାରଠୁ ୫ ଦିନିଆ ଦିଲ୍ଲୀ ଏବଂ ରାଜସ୍ଥାନ ଗସ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସନ୍ଧ୍ୟା ସାଢ଼େ ୫ଟାରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ଶୁକ୍ରବାର ଦିଲ୍ଲୀରୁ ରାଜସ୍ଥାନ ଯିବେ ମୁଖ୍ୟମନ୍ତ୍ରୀ। ସେଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଗସ୍ତ ସମୟରେ ଦିଲ୍ଲୀରେ ଆୟୋଜିତ ୫୫ତମ ଜିଏସ୍‌ଟି ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗଦେବେ । ଏହାସହ କିଛି କେନ୍ଦ୍ରମନ୍ତ୍ରୀ ଏବଂ ଶୀର୍ଷ ନେତୃତ୍ୱଙ୍କୁ ଭେଟି ପାରନ୍ତି ବୋଲି ଚର୍ଚ୍ଚା ହେଉଛି । ସେହିଭଳି ରାଜସ୍ଥାନରେ ପ୍ରାକ୍ ବଜେଟ୍ ପ୍ରସ୍ତୁତି ଆଲୋଚନାରେ ଭାଗ ନେବେ ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ୨୦ ଓ ୨୧ ତାରିଖ ରାଜସ୍ଥାନରେ ରହିବାର କାର୍ଯ୍ୟକ୍ରମ ରହିଛି । ସେହିଭଳି ୨୧, ୨୨ ଓ ୨୩ ତାରିଖ ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ରହିବାର କାର୍ଯ୍ୟକ୍ରମ ରହିଛି ।

## ସାଂସଦ ଓ ଆମ୍ବେଦକରଙ୍କୁ ନେଇ ବିଜେପି-କଂଗ୍ରେସ ବିକ୍ଷୋଭ

# ରାହୁଲଙ୍କ କୁଶପୁତ୍ତଳିକା ଦାହ କଲେ ବିଜେପି ଯୁବ ମୋର୍ଚ୍ଚାକର୍ମୀ, ଅମିତ ଶାହ ନିଃସର୍ତ୍ତ କ୍ଷମା ମାଗନ୍ତୁ : କଂଗ୍ରେସ



**ଭୁବନେଶ୍ୱର, ୧୯/୧୨ ନ୍ୟୁଜ ବ୍ୟୁରୋ**

ଗୁରୁବାର ସଂସଦରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ରାହୁଲ ଗାନ୍ଧି ଧକ୍କା ମାରିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ରାଜଧାନୀ ଭୁବନେଶ୍ୱରରେ ଅସନ୍ତୋଷ ପ୍ରକାଶ ପାଇଛି । ରାହୁଲ ଗାନ୍ଧିଙ୍କ ଏପରି କାର୍ଯ୍ୟକୁ ନିନ୍ଦା କରିଛି ବିଜେପି ଯୁବ ମୋର୍ଚ୍ଚା। ଅପରାହ୍ନ ପ୍ରାୟ ସାଢ଼େ ୪ଟା ବେଳେ ଯୁବ ମୋର୍ଚ୍ଚାର କର୍ମକର୍ତ୍ତାମାନେ ମାଷ୍ଟରକ୍ୟାଣ୍ଟିନରେ ଏକତ୍ର ହୋଇଥିଲା। ପରେ ବିଶାଳ ଶୋଭାଯାତ୍ରାରେ ବିଧାନସଭା ଅଭିମୁଖେ ଯାଇଥିଲେ । ସେଠାରେ ରାହୁଲ ଗାନ୍ଧିଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ରାହୁଲ ଗାନ୍ଧି ମୁର୍ଦ୍ଦାବାଦ ଓ ରାହୁଲ ଗାନ୍ଧି ଛି ଛି ରେ କମ୍ପିଥିଲା ଜନପଥ। ଆକ୍ରମଣ ନେଇ ବିଜେପି ଯୁବ ମୋର୍ଚ୍ଚା ସଭାପତି ଅଭିଳାଶ ପଣ୍ଡା କହିଛନ୍ତି, ଗୃହମନ୍ତ୍ରୀ ଅମିତ ଶାହଙ୍କ ବୟାନରେ ପୂର୍ବାପର ପ୍ରସଙ୍ଗକୁ ନରଖି ଦେଶରେ ଅପପ୍ରଚାର କରାଯାଉଛି। ବାବା ସାହେବ ଆମ୍ବେଦକରଙ୍କ ପ୍ରତି ଯେଉଁମାନେ ଦୀର୍ଘ ସମୟଧରି ଅସମ୍ମାନ ପ୍ରଦର୍ଶନ କରିଆସିଛନ୍ତି, ସେହି କଂଗ୍ରେସ ଆଜି ନିଜର ରାଜନୈତିକ ରୁଟି ସେକିବା ପାଇଁ ଦେଶର ଅଖଣ୍ଡତାକୁ ବିଭାଜନ କରିବାକୁ ଷଡଯନ୍ତ୍ରକାରୀତତ୍ତ୍ୱଙ୍କ ଏଜେଣ୍ଟ ହିସାବରେ କାମ କରୁଛି। ଆଜି ସବୁ ସୀମା ଲଙ୍ଘି ଯାଇଛି କଂଗ୍ରେସ । ବିଜେପି ଅଭିଯୋଗ କରିଛି ଯେ, ରାହୁଲ ଗାନ୍ଧି ଦେଶର ସଂସଦରେ ସରକାରୀ ଦଳର ସାଂସଦଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଜଣେ ପୂର୍ବତନ କେନ୍ଦ୍ରମନ୍ତ୍ର ତଥା ସାଂସଦଙ୍କ ମୁଣ୍ଡ ଫାଟି ସଂସଦରେ ରକ୍ତ ପଡିଛି । ଏହା ନିନ୍ଦନୀୟ ଘଟଣା। ଏହା କେବେ ହେଲେ ଗ୍ରହଣ ଯୋଗ୍ୟ ନୁହେଁ । ସମଗ୍ର ଦେଶବାସୀଙ୍କ ଆଗରେ ରାହୁଲ ଗାନ୍ଧି କ୍ଷମା ନମାଗିଲେ, ଆଗାମୀ ଦିନରେ ଓଡ଼ିଶାରେ ତାଙ୍କୁ ପାଦ ରଖିବାକୁ ଦେବୁନାହିଁ ବୋଲି ଶ୍ରୀ ପଣ୍ଡା ଚେତାବନୀ ଦେଇଛନ୍ତି।

ବିଜେପି ଶୋଭାଯାତ୍ରା ପରେ ମାଷ୍ଟରକ୍ୟାଣ୍ଟିନ ଛକରେ କଂଗ୍ରେସ ଯୁବ ମୋର୍ଚ୍ଚା ଛାତ୍ର କଂଗ୍ରେସ ନେତା ସୟିଦ ୟାଶିର ନୱାଜଙ୍କ ନେତୃତ୍ୱରେ ଶତାଧିକ ଯୁବ ମୋର୍ଚ୍ଚା କର୍ମକର୍ତ୍ତା ବିଶାଳ ଶୋଭାଯାତ୍ରାରେ ବିଧାନସଭା ଅଭିମୁଖେ ଯାଇଥିଲେ। ତେବେ ରାସ୍ତାରେ ପୁଲିସ ସେମାନଙ୍କୁ ଅଟକାଇ ଥିଲା । ସେଠାରେ ପୁଲିସ ଓ କଂଗ୍ରେସ ଯୁବ ମୋର୍ଚ୍ଚା କର୍ମକର୍ତ୍ତାଙ୍କ ଭିତରେ ଠେଲାପେଲା ହୋଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଅନନ୍ତ ସେଠୀଙ୍କ ସମେତ ଭେଟରାନ ନେତାମାନେ ସାମିଲ ହୋଇଥିଲେ । ଗୃହମନ୍ତ୍ରୀ ଅମିତ ଶାହଙ୍କ ବୟାନକୁ ସମସ୍ତେ ନିନ୍ଦା କରିଥିଲେ ବାବା ସାହେବ ଆମ୍ବେଦକରଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟ ପାଇଁ ଶାହ ଦେଶବାସୀଙ୍କ ଆଗରେ କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ଦାବି କରିଥିଲା।

ଏ ନେଇ ଜୟଦେବ ଜେନା କହିଛନ୍ତି, ଆଜିର ଘଟଣାକୁ ଗୋଟିଏ ହାଇଭୋଲ୍ଟେଜ ଡ୍ରାମା କରିଛି ବିଜେପି ଓ ଏନଡିଏ ମେଣ୍ଟ। ଅମିତ ଶାହଙ୍କୁ ସୁରକ୍ଷା ଦେବା ପାଇଁ ଏହି ଡ୍ରାମା କରାଯାଇଛି । ଦେଶର ୧୪୦ କୋଟି ଜନତା ଚାହୁଁଛନ୍ତି ଅମିତ ଶାହ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ । କାରଣ ସେ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କୁ ଲାଞ୍ଛିତ ଓ ଅପମାନିତ କରିଛନ୍ତି । ତାଙ୍କ ନାଁ ଲୋପ କରିଦେବା ପାଇଁ ଉଦ୍ୟମ କରିଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି।

## କିଟ୍ ନଲେଜ୍ ଟ୍ରି ବକ୍ତୃତାମାଳା

# ଛାତ୍ରଛାତ୍ରୀମାନେ ଶିକ୍ଷା ସହ ନୈତିକତା ବଜାୟ ରଖନ୍ତୁ: ଏଡ୍‌ୱାର୍ଡ ହେଗର




**ଭୁବନେଶ୍ୱର, ୧୯।୧୨ ନ୍ୟୁଜ ବ୍ୟୁରୋ**

କିଟ୍ ନଲେଜ୍ ଟ୍ରି ବକ୍ତୃତାମାଳାରେ ଗୁରୁବାର ସ୍ଲୋଭାକିଆର ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଏଡ୍‌ୱାର୍ଡ ହେଗର ବକ୍ତୃତା ପ୍ରଦାନ କରି କିଟ୍ ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ନୈତିକତା ଓ ସମାଜ ପ୍ରତି ପ୍ରତିବଦ୍ଧତା ରଖିବାକୁ ପରାମର୍ଶ ଦେଇଥିଲେ। ସେ କହିଲେ, ଆଜିର ଯୁଗରେ ଶିକ୍ଷା ହିଁ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ଶାନ୍ତି ଆଣିପାରେ। ଶିକ୍ଷା ଗୋଟିଏ ଦେଶକୁ ପରିବର୍ତ୍ତନ କରିପାରେ ଏବଂ ଶିକ୍ଷା ଜଣକ ଜୀବନରେ ସମୃଦ୍ଧି ଆଣିଥାଏ। ଛାତ୍ରଛାତ୍ରୀମାନେ କେବଳ ଶିକ୍ଷା ଗ୍ରହଣ କରି ନିଜେ କିପରି ପ୍ରତିଷ୍ଠିତ ହେବେ ସେ ବିଷୟରେ ଚିନ୍ତା ନ କରି ନିଜ ପରିବେଶ, ସମାଜ, ରାଜ୍ୟ ଓ ଦେଶରେ କିପରି ଶାନ୍ତି, ସୌହାର୍ଦ୍ଦ୍ୟ ଓ ଭ୍ରାତୃତ୍ୱଭାବ ବଜାୟ ରହିବ ସେ ଦିଗରେ ନିଜ ଜ୍ଞାନ ଓ ଦକ୍ଷତାର ବିନିଯୋଗ କରିବା ଉଚିତ। କେବଳ ପ୍ରତିଷ୍ଠା ଏବଂ ଅର୍ଥ ବଳରେ ଜୀବନରେ ଶାନ୍ତି ଆସିପାରେ ନାହିଁ। ସମାଜ ପ୍ରତି ପ୍ରତିଦାନରେ ପ୍ରକୃତ ଶାନ୍ତି ମିଳିଥାଏ। ସମାଜ ପ୍ରତି ପ୍ରତିବଦ୍ଧତା ଓ ପ୍ରତିଦାନର ପ୍ରକୃଷ୍ଟ ଉଦାହରଣ ହେଉଛନ୍ତି ଡ. ଅଚ୍ୟୁତ ସାମନ୍ତ ବୋଲି ସେ କହିଥିଲେ। ସେ କହିଲେ ଉତ୍ତମ ଚରିତ୍ରର ବ୍ୟକ୍ତି ଜଣେ ଭଲ ନେତା ହୋଇପାରେ। ନୈତିକତା ଓ ମୂଲ୍ୟବୋଧ ସହ ନେତାମାନେ ଅନ୍ୟମାନଙ୍କ ପାଇଁ ରୋଲ ମଡେଲ୍ ହୋଇପାରିବେ ବୋଲି ସେ କହିଥିଲେ। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ଅନ୍ୟମାନଙ୍କ ପ୍ରତି ସର୍ବଦା ନମ୍ର ଓ ଦୟାଶୀଳ ହେବା ଉଚିତ। ଆମର ପୂର୍ବଜଙ୍କଠାରୁ ଜ୍ଞାନ ଆହରଣ କରି ତାହାକୁ ସମାଜସେବା ଓ ଦେଶକୁ ନେତୃତ୍ୱ ଦେବାରେ ବିନିଯୋଗ କରିବା ଉଚିତ। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉଦାହରଣ ଦେଇ ସେ କହିଲେ ଯେଉଁମାନଙ୍କର ସାହସ ଓ ଉତ୍ସର୍ଗୀକୃତ ମନୋଭାବ ରହିଛି ସେମାନେ ସମାଜରେ ଏକ ସକରାତ୍ମକ ପରିବର୍ତ୍ତନ ଆଣିପାରିବେ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁବାର ସକାଳେ ଏଡ୍‌ୱାର୍ଡ କିଟ୍ ଓ କିସ୍ ପରିଦର୍ଶନ କରିବା ସହ କିସ୍ ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। କିସ୍ ପରିଦର୍ଶନ କରି ଡ. ସାମନ୍ତଙ୍କ କାର୍ଯ୍ୟକୁ ସେ ଭୂୟସୀ ପ୍ରଶଂସା କରିଥିଲେ।

